ଧରିତ୍ରୀ
DHARITRI

November 6-12, 2022 ₹ 2/-

ଛୁଟିଦିନ



# ଓଡ଼ିଶାରେ ବାଲିଯାତ୍ରା

ଦିନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୌବାଣିଜ୍ୟର ସ୍ମାରକୀବହନ କରିଥିଲା ବାଲିଯାତ୍ରା। ତେବେ ସମୟକ୍ରମେ ଏହା ସୀମିତ ହେବାରେ ଲାଗିଲା। କେଉଁଠି କେଉଁଠି ଏହାର ଆୟୋଜନ ଖୁବ୍ ବିଶାଳ ହେବାବେଳେ ଆଉ କେଉଁଠି ଏହା ରହିଯାଇଛି ପ୍ରତୀକାତ୍ମକ ଭାବରେ..

ପ୍ରଚ୍ଛଦ ପ୍ରସଙ୍ଗ
୩



# ଲକି ବାମ୍ବୋ କେଉଁଠି ଲଗାଇବେ

**ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଗଛ ଭାବେ ଲକି ବାମ୍ବୋ ପରିଚିତ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଏହି ଗଛକୁ କେଉଁ ସ୍ଥାନରେ ରଖିଲେ କି ଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

✲ ଲକି ବାମ୍ବୋକୁ ଘରର ଯେକୌଣସି ସ୍ଥାନରେ ରଖାଯାଇପାରେ। ଏପରିକି ପତ୍ନୀପତିଙ୍କ ବେଡ୍‌ରୁମ୍‌ରେ ବି। କାରଣ ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ



ସହାୟକ ହୋଇଥାଏ।

✲ କ୍ୟାରିୟର୍‌ରେ ସଫଳ ହେବାକୁ ଚାହୁଁଥିଲେ ଷ୍ଟଡିରୁମ୍‌ରେ ବି ଏହାକୁ ରଖିବା ଶୁଭ ହୋଇଥାଏ।

✲ ପରିବେଶକୁ ସଫାସୁତୁରା ରଖିବାରେ ମଧ୍ୟ ଲକିବାମ୍ବୋ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ବୋଲି କୁହାଯାଇଥାଏ। ତେଣୁ ଏହାକୁ ଘରର ଡ୍ରଇଂ ରୁମ୍ ହେଉ ଅବା ଡାଇନିଂ ରୁମ୍; ଯେଉଁଠି ଚାହିଁବେ ସେଠି ରଖି ସ୍ୱଚ୍ଛ ବାୟୁ ଆରାମରେ ପାଇପାରିବେ।

✲ ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୭-୧୨**

**ମେଷ**
ସମୟାନୁବର୍ତ୍ତିତାରୁ ପ୍ରଶଂସା, ନିରାମୟ ସ୍ୱାସ୍ଥ୍ୟ, ସୃଜନଶକ୍ତିର ଅଭିବୃଦ୍ଧି, ବୁଦ୍ଧିଜୀବୀଙ୍କ ପ୍ରେରଣା, ଅସମ୍ପୂର୍ଣ୍ଣକାମ ସମ୍ପୂର୍ଣ୍ଣ ହେବ, ପରିବାରରେ ମତପାର୍ଥକ୍ୟ, ବନ୍ଧୁବାନ୍ଧବଙ୍କ ସହ ସୁସମ୍ପର୍କ ରହିବା ସହ ସାହାଯ୍ୟର ପ୍ରତିଶ୍ରୁତି ମିଳିବ ।

**ବୃଷ**
କାର୍ଯ୍ୟ ଦକ୍ଷତା, ପାରିବାରିକ ବିତର୍କ, ଭ୍ରମଣ ସୁଯୋଗ ମିଳିବ, ପରିଜନଙ୍କ ନିମନ୍ତ୍ରଣ, ପ୍ରତିରୋଧ ଆସିପାରେ, ସ୍ୱାସ୍ଥ୍ୟରେ ଉନ୍ନତି, ପାଉଣା ପ୍ରାପ୍ତି, ସହକର୍ମୀଙ୍କ ସହଯୋଗ, ପଡ଼ୋଶୀଙ୍କ ସମାଲୋଚନାର ଶିକାର ହେବେ।

**ମିଥୁନ**
ପାରିବାରିକ ସମସ୍ୟା, ବନ୍ଧୁମାନଙ୍କ ଆଶ୍ୱାସନା, ଉପରିସ୍ଥଙ୍କ ଅନୁଗ୍ରହ, ପଦୋନ୍ନତିର ସୂଚନା, କଳାପ୍ରିୟ ହେବେ, ସାଂସ୍କୃତିକ ସଭାକୁ ନିମନ୍ତ୍ରଣ, ଭାବପ୍ରବଣତା ବୃଦ୍ଧି, ନିର୍ମାଣ ଶେଷ ପର୍ଯ୍ୟାୟକୁ ଯିବ, ପ୍ରତିବନ୍ଧକ ଦୂର ହେବ ।

**କର୍କଟ**
ଶାରୀରିକ ଅସୁସ୍ଥତା, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଆତ୍ମୀୟଙ୍କ ସହାନୁଭୂତି, ସନ୍ତାନଙ୍କ କୃତିତ୍ୱ, ବନ୍ଧୁଙ୍କ ଅସୌଜନ୍ୟ ଆଚରଣ, ମକଦ୍ଦମାରେ ବାଇଦା, ନୂତନ ବନ୍ଧୁତା, ଯୋଜନାରେ ସଫଳତା ।

**ସିଂହ**
ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦୁରବସ୍ଥା, ଭ୍ରମଣକ୍ଳେଶ ଅନୁଭବ, ପଡ଼ୋଶୀଙ୍କ ସହ ସୁସମ୍ପର୍କ, ଯାତ୍ରାରେ ସମସ୍ୟା, ମିଥ୍ୟାଗୁଜବରୁ ଅଶାନ୍ତି, ପରିବାରର ସହାୟତା, ମାଲି ମକଦ୍ଦମାରେ ବିଜୟ, ସଭାସମିତିରେ ସମ୍ମାନିତ ହେବେ।

**କନ୍ୟା**
ସୁବିଚାରରୁ ଉପକାର, ପ୍ରିୟଜନଙ୍କ ସାନ୍ନିଧ୍ୟ, ଆତ୍ମୀୟଙ୍କ ଅନାଦର, ମନୋରଞ୍ଜନରେ ଆଗ୍ରହ, ବ୍ୟୟାଧିକ୍ୟରୁ ବ୍ୟସ୍ତତା, ସାହିତ୍ୟକ୍ଷେତ୍ରରୁ ସମ୍ମାନ, ବାଣିଜ୍ୟର ଅଭିବୃଦ୍ଧି, ବ୍ୟୟବହୁଳ ଶିକ୍ଷା ପାଇଁ ମନସ୍ତାପ, କ୍ରୀଡ଼ାରେ ସଫଳତା ।

**ତୁଳା**
ବୃତ୍ତିରେ ସଫଳତା, ଉଚ୍ଚସ୍ତରରେ ପ୍ରଶଂସା, ଆଣ୍ଠୁଗଣ୍ଠି ସମସ୍ୟା, ନୂତନନିଯୁକ୍ତିର ସୂଚନା, ପୈତୃକ ସମ୍ପତ୍ତିରେ ବିବାଦ, ମିଆଦପୂର୍ଣ୍ଣ ଜମାରାଶି ପ୍ରାପ୍ତି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ମାଙ୍ଗଳିକ କାର୍ଯ୍ୟାରମ୍ଭ, ଦୁଃସାହସିକ ଯାତ୍ରା, ବିବାଦର ସମାଧାନ।

**ବିଛା**
ମାନସିକ କ୍ଲାନ୍ତି ବୋଧ, ପରୀକ୍ଷାରେ ସଫଳତା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରା ସ୍ଥଗିତ ରହିବ, ମୂଲ୍ୟବାନ୍ ଜିନିଷ କ୍ରୟ, ରାଜନୈତିକ ପୃଷ୍ଠପୋଷକତା, ପ୍ରକାଶନରେ ବିଳମ୍ବ, ଯାନବାହନରେ ତ୍ରୁଟି, କର୍ମକ୍ଷେତ୍ରରେ ପ୍ରତିଷ୍ଠା ।

**ଧନୁ**
ନୂଆବନ୍ଧୁ ଆସିବେ, ସାଂସ୍କୃତିକ କାର୍ଯ୍ୟକ୍ରମ, ସୀମା ବିବାଦ, ପାରିବାରିକ ସହମତି, ଗୃହପୋକରଣ କ୍ରୟ, ପରିବାରର ସହଯୋଗ, ମାନସିକ ଶାନ୍ତି, ଧର୍ମକାର୍ଯ୍ୟ କରିବେ, ପ୍ରତ୍ୟାବର୍ତ୍ତନରେ ଦ୍ୱନ୍ଦ୍ୱ।

**ମକର**
ଶାରୀରିକ ସୁସ୍ଥତା, ସାହସିକ ପଦକ୍ଷେପ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ଯାତ୍ରା ପାଇଁ ପ୍ରସ୍ତୁତି, ବିକଳ୍ପ ବ୍ୟବସ୍ଥାର ଆଲୋଚନା, ବନ୍ଧୁଙ୍କ ଅସ୍ୱୀକାର, ସମ୍ପର୍କବୃଦ୍ଧି ପାଇବ, ପ୍ରତିବାଦର ସ୍ୱର ଥମିବ, ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ ।

**କୁମ୍ଭ**
କର୍ମଜଞ୍ଜାଳ ବୃଦ୍ଧି, କରଜଦାତାଙ୍କ ଚାପ, ମିତ୍ରବନ୍ଧୁ ଜୁଟିବେ, ନିରୁତ୍ସାହ ରହିପାରନ୍ତି, ପରିସ୍ଥିତି ବଦଳିଯିବ, ଅନୁକୂଳପରିବେଶ ସୃଷ୍ଟି, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗରୁ ଚିନ୍ତା, ବାଣିଜ୍ୟରେ ଝଟକା, ତୀର୍ଥାଟନରେ ଖୁସି ।

**ମୀନ**
ଧର୍ମକାର୍ଯ୍ୟରେ ରୁଚି, ବନ୍ଧୁମିଳନରୁ ଆନନ୍ଦ, ଆଶଙ୍କା ଦୂରହେବ, ନିର୍ମାଣପୂର୍ଣ୍ଣାଙ୍ଗ ହେବ, ମାଙ୍ଗଳିକ କାର୍ଯ୍ୟ ପାଇଁ ତତ୍ପରତା, ପ୍ରାପ୍ୟଧନରେ ବାଧା, ଶୁଭଖବର ପାଇପାରନ୍ତି, କାମ ଅଟକିବ ନାହିଁ, ବନ୍ଧୁଙ୍କ ଅନାଦର ଭାବ ।

# କାର୍ତ୍ତିକ ପୂର୍ଣ୍ଣିମାରେ କ'ଣ କରିବା ଶୁଭ

**ଦଶହରା, ଦୀପାବଳି ପରି କାର୍ତ୍ତିକ ପୂର୍ଣ୍ଣିମା ବି ହିନ୍ଦୁମାନଙ୍କର ଏକ ବିଶେଷ ପର୍ବ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଏହିଦିନ କ'ଣ କଲେ ଭଗବାନଙ୍କ ଆଶୀର୍ବାଦପ୍ରାପ୍ତ ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

✲ ମାନ୍ୟତା ରହିଛି ଯେ, କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଦାନପୁଣ୍ୟର ଦିନ। ତେଣୁ ଏହିଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ଗରିବ ଲୋକଙ୍କୁ କିଛି ଦାନ କଲେ କିମ୍ବା ଭୋକିଲା ଲୋକଙ୍କୁ ଖାଇବାକୁ ଦେଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି।

✲ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ କଲେ ଅନ୍ୟଦିନ ତୁଳନାରେ ଅଧିକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତା'ସହିତ ଏହିଦିନ ପ୍ରଭୁଙ୍କୁ ଯାହା ବି ଭୋଗ ଲଗାଇବେ, ସେଥିରେ ତୁଳସୀ ଜଳ ପକାଇଲେ ଘରେ ସୁଖ ସମୃଦ୍ଧି ବଢିଥାଏ ବୋଲି ବି ବଶ୍ୱାସ ରହିଛି।

✲ ଏହି ପବିତ୍ର ପର୍ବ ଅବସରରେ ଯଦି ଘରର ମୁଖ୍ୟ ଦ୍ୱାରରେ ଆମ୍ବ ପତ୍ରକୁ ମାଳ କରି ଟାଙ୍ଗି ଦିଆଯାଏ ; ତା'ହେଲେ ଘର



ଭିତରକୁ ସକାରାତ୍ମକ ଶକ୍ତିର ପ୍ରବେଶ ହୋଇଥାଏ ବୋଲି ମାନ୍ୟତା ରହିଛି।

✲ଏହିଦିନ ଠାକୁର ଘର ସହିତ ମୁଖ୍ୟ ଦ୍ୱାରର ଉଭୟ ପଟେ ଦୀପ ଜାଳିଲେ ପିତୃପୁରୁଷଙ୍କ ଆଶୀର୍ବାଦ ମିଳେ। ଏହାଛଡ଼ା ଏହି ପବିତ୍ର ଦିବସରେ ନାଲି କପଡ଼ାରେ କିଛି କଉଡ଼ି, ଗୋମତି ଚକ୍ର, ହଳଦୀ ଓ ଖୁଚୁରା ପଇସାକୁ ବାନ୍ଧି ଟ୍ରେଜେରୀରେ ରଖିଲେ ଧନ ସମ୍ପତି ବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି।

✲ କଞ୍ଚା କ୍ଷୀରରେ ମହୁ ଓ ଗଙ୍ଗାଜଳକୁ ମିଶାଇ ଏହିଦିନ ଶିବଲିଙ୍ଗଙ୍କ ମଥାରେ ଢାଳି ପବିତ୍ର ମନରେ ପୂଜା କଲେ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

✲ ଘଣ୍ଟି! ପବିତ୍ର ଏହାର ଧ୍ୱନି, ଯାହା ଶରୀରରେ ସକାରାତ୍ମକ ଉର୍ଜା ଭରିବା ସହ ପରିବେଶକୁ ଶୁଦ୍ଧ କରେ। ସେଇଥିପାଇଁ ତ ପ୍ରତିଟି ଶୁଭ କାର୍ଯ୍ୟ ଆରମ୍ଭ ହୁଏ ଏହାର ଧ୍ୱନି ସହ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଘଣ୍ଟି'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ଧନ୍‌ତେରାସରେ ଘରକୁ କ'ଣ ଆଣିବେ', 'ଦୀପ ଜାଳିବେ କିପରି' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା।

*-ମମତା ମହାନ୍ତି, ଝାଡେଶ୍ୱରୀ ଲେନ୍, ପୁରୀ*

✲ ଘଣ୍ଟି ବଜାଇ ଦେବତାଙ୍କ ଆହ୍ୱାନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ତଥା ଦେବତାଙ୍କର ଆଗମନ ହୁଏ ଓ ନକାରାତ୍ମକ ଶକ୍ତିର ହୁଏ ବିନାଶ। ସେଇଥିପାଇଁ ତ ଏହାର ଧ୍ୱନିକୁ ପବିତ୍ର ମନେ କରାଯାଏ। ଏହି 'ଘଣ୍ଟି' ବିଷୟକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। 'ବଢୁଛି ମାଟି ଦୀପର ଚାହିଦା' ପାଠଟି ବି ଏକ ପ୍ରେରଣାଦାୟୀ ବିଷୟ ହୋଇଥିଲା।

*-ସୁନନ୍ଦା ସ୍ୱାଇଁ, ପାନପୋଷ, ସୁନ୍ଦରଗଡ଼*

✲ ଓଡ଼ିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ପଢି ଖୁସି ଲାଗିଲା। ସୃଜନ ପୃଷ୍ଠାଟି ମଧ ବେଶ୍ ମନଛୁଆଁ ହୋଇପାରିଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଏଯାବତ୍' ନାମକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ତାପସୀ ପାନ୍ନୁଙ୍କ ଫଟୋଟି ବି ଆକର୍ଷଣୀୟ ହୋଇଥିଲା। ଅନ୍ୟପକ୍ଷେ ସାହିତ୍ୟିକ ତଥା ଗଞ୍ଜାମ ଥାନା ଏସ୍.ଆଇ. ଅଜିତ ପରିଡ଼ାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ପ୍ରେରଣାଦାୟକ ଲାଗୁଥିଲା।

*-ଦୀପକ କୁମାର, ରେଢ଼ାଖୋଲ, ସମ୍ବଲପୁର*

✲ ଦୀପାବଳିରେ କିପରି ଦୀପଦ୍ୱାରା ଘରକୁ ସଜାଇ ହେବ, ତାହା ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ପଢି ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ଦୀପାବଳିରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇପାରିବ ତାହା ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା। ଅନ୍ୟପକ୍ଷେ 'ରଙ୍ଗୋଲି' ବିଷୟରେ ବିବିଧା ପୃଷ୍ଠାରୁ ଅନେକ କଥା ଜାଣି ଖୁସି ଲାଗିଲା।

*-ବୈଶାଳୀ ସାହୁ, ଝାରପଡ଼ା, ଭୁବନେଶ୍ୱର*

✲ଏଥରର ବ୍ୟଙ୍ଗ 'ଅନ୍ତର୍ଜାତୀୟ ଶିକ୍ଷା ଅଭିଯାନ' ସମ୍ପର୍କରେ ଛୁଟିଦିନରୁ ପଢି ଅନେକ କିଛି ଭଲ ଶିକ୍ଷା ମିଳିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମେଣ୍ଢା ଗଣି ଗଣି ଶୋଇବେ', 'କୁକୁରଙ୍କ ପାଇଁ ରେଷ୍ଟୁରାଣ୍ଟ', 'ଝିଣ୍ଟିକା ପରି ଘର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

*-ଦିଲ୍ଲୀପ ଦାସ, ଚକ୍ରତୀର୍ଥ ରୋଡ୍, ପୁରୀ*




## ବିଶେଷ ଚିଠି

ଘଣ୍ଟିକୁ ନେଇ ଏଥରର ପ୍ରଚ୍ଛଦ
ମନେ ଭରୁଥିଲା ନୂଆ ଉନ୍ମାଦ।
ତା'ସାଙ୍ଗକୁ ପୁଣି ସହର, ସୃଜନ
କିଣି ନେଉଥିଲା ସଭିଙ୍କର ମନ।
ସିନେମା ପୃଷ୍ଠାଟି ଲାଗୁଥିଲା ଚମତ୍କାର
ହୃଦୟସ୍ପର୍ଶୀ ଥିଲା ପ୍ରଥମ ରୋଜଗାର।
ବ୍ୟାକ୍‌ପେଜ୍, ବିବିଧା ବି କଲା କିମିଆ
ଦେଖାଉଥିଲା ସିଏ ନୂଆ ଦୁନିଆ।
ସତରେ ଛୁଟିଦିନ ତୁମେ ଅନନ୍ୟ
ତୁମକୁ ଝୁରୁଥାଏ ମୋର ଏହି ମନ।

*-ସୁଜାତା ମହାପାତ୍ର,*
*ରଶ୍ମିବିହାର, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795






# ଓଡ଼ିଶାରେ ବାଲିଯାତ୍ରା

"**କା**ହିଁଗଲା ପୂର୍ବ ଓଡ଼ିଆ ବୋଇତ, କାହିଁ ସେ ନାବିକ ଉଦ୍ଦାମ –ସଙ୍ଗୀତ।
ଜଳପଥେ କାହିଁ ବିଦେଶ ଗମନ, କାହିଁ ପୂର୍ବଖ୍ୟାତି କାହିଁ ପୂର୍ବଧନ।
କଥାରେ ରହିଛି ସବୁ ଆଜି ଯାଏ, ସାଧବାଣୀ ବୋହୂ ବୋଇତ ବନ୍ଦାଏ।"

– ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଲିଖିତ ଏହି କବିତା ପଙ୍କ୍ତି ଅତୀତ ଉତ୍କଳ ନୌବାଣିଜ୍ୟର ଐତିହ୍ୟ ଗୌରବକୁ ସ୍ମରଣ କରାଇଥାଏ। ସେତେବେଳେ ମୁଖ୍ୟତଃ ସମୁଦ୍ରପଥଦେଇ ଦେଶବିଦେଶରେ ନୌବାଣିଜ୍ୟ ହେଉଥିଲା। ନୌବାଣିଜ୍ୟ ପାଇଁ ଜଳପଥରେ ସମୁଦ୍ରକୁ ସଂଯୋଗ କରୁଥିବା କେତେକ ନଦୀର ତଟରେ ବେପାର ବଣିଜ ହେଉଥିଲା। ଯାହାକୁ ସ୍ମରଣକରି ପରବର୍ତ୍ତୀ ସମୟରେ ଓଡ଼ିଶାର ଉପକୂଳବର୍ତ୍ତୀ ସମୁଦ୍ର, ନଦୀ, ପୁରାତନ ବନ୍ଦର ଆଦି ସ୍ଥାନରେ ବୋଇତବନ୍ଦାଣ ଉତ୍ସବ ଆୟୋଜନ ହେଲା।

**ରେକର୍ଡ କରିବ କଟକ ବାଲିଯାତ୍ରା:** କଟକ ଓଡ଼ିଶାର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ । ଅତୀତରେ ବିଭିନ୍ନ ଅଞ୍ଚଳରୁ କଟକକୁ ଜଳପଥ ପାରହୋଇ ବିଭିନ୍ନ ସାମଗ୍ରୀ ଆସୁଥିଲା। କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀ ଘାଟରୁ ବାଣିଜ୍ୟ ପୋତଗୁଡ଼ିକ ସାଗର ଅଭିମୁଖେ ଯାଉଥିଲା। ନୌଯାତ୍ରା ପୂର୍ବରୁ ବୋଇତ ବନ୍ଦାଣ ଓ ବାଣିଜ୍ୟ ଉଦ୍ଦେଶ୍ୟରେ ହେଉଥିବା ଜନସମାଗମରୁ ବାଲିଯାତ୍ରା ଅନୁଷ୍ଠିତ ହେଉଥିବା କୁହନ୍ତି ସଂସ୍କୃତି ଗବେଷକମାନେ। ଏହି ବାଲିଯାତ୍ରାର ରହିଛି ଏକ ନିଆରା ଆକର୍ଷଣ। ଯିଏ ଥରେ ବାଲିଯାତ୍ରା ବୁଲିବାକୁ ଆସିଛି ସେ ବାରମ୍ବାର ଆସିଛି। ପ୍ରତିବର୍ଷପରି ଚଳିତବର୍ଷ ରାଜ୍ୟ ସରକାରଙ୍କ ସହଯୋଗରେ କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ ବାଲିଯାତ୍ରାକୁ ସରସ, ସୁନ୍ଦର କରିବା ଦିଗରେ ବାଲିଯାତ୍ରାକୁ ନୂତନ ଭାବରେ ମନଲୋଭା କରିବାର ପ୍ରୟାସ କରୁଛନ୍ତି। ପ୍ରବଳ ଜନସମାଗମକୁ ନଜରରେ ରଖି ଶାନ୍ତି ଶୃଙ୍ଖଳାର ସହ ଯାତ୍ରାପରିଚାଳନା କରିବାରେ ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ଏନ୍‌ସିସି, ସ୍କାଉଟ୍ସ ଓ ଗାଇଡ୍ସ, ଜାତୀୟ ସେବା ଯୋଜନାର କ୍ୟାଡେଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ। ଚଳିତ ବର୍ଷ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ନିମନ୍ତେ ଏଠାରେ 'ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ' ପାଇଁ ୧୫ ମିନିଟରେ ୧୦ ହଜାର ଡଙ୍ଗା ତିଆରିର ଏକ ଅଭିନବ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଛି। ଏହି ଡଙ୍ଗା ପ୍ରସ୍ତୁତିରେ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ସମେତ ହଜାର ହଜାର ଜନସାଧାରଣ ସାମିଲ ହେବେ। ସେହିପରି ବାଲିଯାତ୍ରାର ପ୍ରତିସନ୍ଧ୍ୟାରେ ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ଉପରେ ଲେଜର ଲାଇଟ ସାହାଯ୍ୟରେ ଏକ ନିଆରା ଆକର୍ଷଣ ସାଜିବ ଲାଇଟ୍ ଆଣ୍ଡ ସାଉଣ୍ଡ । ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ କଟକଗସ୍ତର ଦୃଶ୍ୟ, କଟକର ଐତିହ୍ୟସମ୍ପନ୍ନ ସ୍ଥାନ ଓ ମହାନ୍ ବ୍ୟକ୍ତିବିଶେଷଙ୍କ ଜୀବନୀ ସମେତ ୫ ମିନିଟ୍ ଅବଧିର ବିଷୟବସ୍ତୁ ପ୍ରଦର୍ଶିତ ହେବ। ଏଥିପାଇଁ ମୁମ୍ବାଇ ଓ ଦିଲ୍ଲୀରୁ ଆସିଥିବା ଅତ୍ୟାଧୁନିକ ଯନ୍ତ୍ରଗୁଡ଼ିକୁ ଦିଲ୍ଲୀର ବିଶେଷଜ୍ଞ ଦଳ ପରିଚାଳନା କରିବେ। ସେହିପରି କଟକ ବିକାଶର ଚିତ୍ରକୁ ସି ଏ ମ୍ ସି ଷ୍ଟଲ୍‌ରେ ପ୍ରଦର୍ଶିତ କରାଯାଇ ଲୋକମାନଙ୍କୁ ଅବଗତ କରାଯିବ। ଏଥିରେ ତାଳଦଣ୍ଡା କେନାଲର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟୀକରଣ, ଏସ୍‌ସିବି ମେଡିକାଲ ଉନ୍ନୟନ, ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲ ଆଦିର ସବିଶେଷ ଫଟୋଚିତ୍ର ଓ ତଥ୍ୟକୁ ପରିବେଷଣ କରାଯିବ। ଏସ୍‌ଏଚ୍‌ଜି ମହିଳାଙ୍କୁ ୧୦୦ଟି ଷ୍ଟଲ୍‌ରେ ଖାଣ୍ଟି ଓଡ଼ିଆ ଖାଦ୍ୟ ସାମଗ୍ରୀ ସହିତ ସେମାନଙ୍କ ପ୍ରସ୍ତୁତ ହସ୍ତଶିଳ୍ପଗୁଡ଼ିକୁ ବିକ୍ରି କରିବାର ସୁଯୋଗ ସୃଷ୍ଟି କରାଯିବ। ବାଲିଯାତ୍ରାର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ବୈଷ୍ଣବ ପାଣିଙ୍କ ମଞ୍ଚ। ଏଠାରେ କଳାସଂସ୍କୃତି ଭାବେ ପାଲା, ଦାସକାଠିଆ, ଘୋଡ଼ାନାଚ, ଓଡ଼ିଶୀ ନୃତ୍ୟ ଆଦି ବିଭିନ୍ନ ଲୋକକଳାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରର ସାଂସ୍କୃତିକ ଦଳ ଦ୍ୱାରା ପରିବେଷଣ ହେବ। ଏଥର ପ୍ରଥମଥର ପାଇଁ ଅଜମେର ଦରଘାର କଳାକାରଗଣଙ୍କ କବାଲି ଦର୍ଶକଙ୍କୁ ନୂଆ ସ୍ୱାଦ ଚଖାଇବ। କଣ୍ଠଶିଳ୍ପୀ ଉଦିତ୍ ନାରାୟଣ, ଜାବେଦ ଅଲି, କୈଳାସ ଖେର, କ୍ରିଷ୍ଣା ବେଉରାଙ୍କ ସମେତ ନାମୀଦାମୀ କଣ୍ଠଶିଳ୍ପୀ କବାଲି ପରିବେଷଣ କରିବେ ବୋଲି ସୂଚନା ରହିଛି। ଏହାବାଦ୍ ଓଡ଼ିଆ ସଙ୍ଗୀତ ଜଗତର ବାଦ୍‌ଶାହା ଅକ୍ଷୟ ମହାନ୍ତିଙ୍କ ନାମରେ ଆଉ ଏକ ମଞ୍ଚ କରାଯିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ବାଲିଯାତ୍ରାର କଳେବର ବୃଦ୍ଧି ପାଉଥିବାରୁ ଉପରପଡ଼ିଆ ଓ ମହାନଦୀକୁ ଲାଗି ରହିଥିବା ତଳପଡ଼ିଆରେ ଯାତ୍ରୀମାନଙ୍କୁ ଭରପୂର ମନୋରଞ୍ଜନ ଦେବା ପାଇଁ ଯୋଜନା କରାଯାଇଛି। ବାଲିଯାତ୍ରାର ଅବ୍ୟବହିତ ପୂର୍ବରୁ ପ୍ରତିଦିନ ଅପରାହ୍ଣରେ ଜିଲାପାଳଙ୍କ ନେତୃତ୍ୱରେ ମହାନଦୀ ଆଳତି କରାଯାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ କଳାକାର, ସାହିତ୍ୟିକ, ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କୁ ସାମିଲ କରାଯିବ। ବାଲିଯାତ୍ରାକୁ ପ୍ଲାଷ୍ଟିକମୁକ୍ତକରିବାର ଯୋଜନା ପ୍ରସ୍ତୁତ ହୋଇଛି। ଖାଦ୍ୟ ସାମଗ୍ରୀ, ପାଣି ବୋତଲ, ଥଣ୍ଡା ପାନୀୟ ଆଦିରେ ଏକ କ୍ୟୁଆର କୋଡ୍ ଲଗାଯିବ। ଲୋକେ ଜିନିଷର ଧାର୍ଯ୍ୟ ଦରଠାରୁ ୫ଟଙ୍କା ଅଧିକ ଦେଇ ତାହା କିଣିବେ। ସେମାନେ ପ୍ଲାଷ୍ଟିକ ପ୍ୟାକେଟ ଓ ବୋତଲଗୁଡ଼ିକ ଫେରାଇଲେ ଉକ୍ତ ୫ ଟଙ୍କା ଫେରସ୍ତ ପାଇବେ। ଏଥିପାଇଁ ୨୧ଟି ସଂଗ୍ରହ କେନ୍ଦ୍ର ଖୋଲାଯିବ। ବ୍ୟବସାୟୀ ଓ ଲୋକମାନଙ୍କୁ ଏ ବାବଦରେ ସଚେତନ କରାଯିବ। କ୍ୟୁଆର କୋଡ୍ ନ ଥିଲେ କେହି ପ୍ଲାଷ୍ଟିକ ବୋତଲ ଓ ପ୍ୟାକେଟ୍ ଖାଦ୍ୟ ବିକ୍ରି କରିପାରିବେ ନାହିଁ। ଲୋକମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ପାଇଁ ମିନାବଜାର, ଦୋଳି, ଠୁଙ୍କାପୁରି, ଚାଟ୍, ଗୁପ୍‌ଚୁପ୍, ଦହିବରାଆଳୁଦମ୍, ଆଇସ୍‌କ୍ରିମ ସାଙ୍ଗକୁ ବିଭିନ୍ନ ପ୍ରକାର ଆମିଷ ଓ ନିରାମିଷ ଖାଦ୍ୟର ଷ୍ଟଲ୍ ରହିବ। ଏହି ଯାତ୍ରା ଯାତ୍ରୀଙ୍କ ମନରେ ପ୍ରାଚୀନ ଉତ୍କଳର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ବିଭବମୟ ସାଂସ୍କୃତିକ ପରମ୍ପରାକୁ ସ୍ମରଣ କରିଥାଏ।

**ଚେଳିତୋଳ ବାଲିଯାତ୍ରା:** ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଗୋପିଆକୁଦଠାରେ ଅନୁଷ୍ଠିତ ହୁଏ ଚେଳିତୋଳ ବାଲିଯାତ୍ରା। ଐତିହାସିକ ତଥ୍ୟ ଆଧାରରେ ଚେଳିତୋଳ ପୋତାଶ୍ରୟ ନାମ ଅନୁଯାୟୀ ଏହି ବାଲିଯାତ୍ରାର ନାମକରଣ କରାଯାଇଛି। ୨୦୦୨ମସିହାରୁ ଏଠାର ମହାନଦୀ ପଠା ଗୋପିଆକୁଦର ବିସ୍ତୀର୍ଣ୍ଣ ବାଲୁକା ରାଶିରେ ବାଲିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପ୍ରଥମେ ୨୦୦୧ ମସିହାରେ ସ୍ଥାନୀୟ କିଛି ଉଦ୍ୟମୀ ବୁଦ୍ଧିଜୀବୀମାନେ ଚେଳିତୋଳ ବୋଇତ ବନ୍ଦାଣ ପରିଷଦ ଗଠନକରି ଗୋପିଆକୁଦ ନିକଟରେ ମହାନଦୀର ଜଳରାଶିରେ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ କରିଥିଲେ। ଏହାର ପରବର୍ଷ ୨୦୦୨ ମସିହାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବାଲିଯାତ୍ରା ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏଠାରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। କରୋନା କଟକଣା ଲାଗି ଗତ ଦୁଇ ବର୍ଷ କେବଳ ବୋଇତ ବନ୍ଦାଣରେ ସୀମିତ ରହିଥିଲା। ଚଳିତ ବର୍ଷ ଚେଳିତୋଳ ବାଲିଯାତ୍ରା କମିଟି ସଭାପତି ବିଜୟ ଶଙ୍କର ଦାସଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକରେ ଏହି ଯାତ୍ରାକୁ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଛି। ବାଲିଯାତ୍ରା ପଡ଼ିଆରେ ଷ୍ଟଲ୍ ଓ

→

ଦିନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୌବାଣିଜ୍ୟର ସ୍ମାରକୀବହନ କରିଥିଲା ବାଲିଯାତ୍ରା ତେବେ ସମୟକ୍ରମେ ଏହା ସୀମିତ ହେବାରେ ଲାଗିଲା। କେଉଁଠି କେଉଁଠି ଏହାର ଆୟୋଜନ ଖୁବ୍ ବିଶାଳ ହେବାବେଳେ ଆଉ କେଉଁଠି ଏହା ରହିଯାଇଛି ପ୍ରତୀକାତ୍ମକ ଭାବରେ..











ମଣ୍ଡପ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଦୀର୍ଘ ୭ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ମହୋତ୍ସବ, ବ୍ୟବସାୟ ବିପଣିମାଳା ସହ ଚେଳିତୋଳ ବାଲିଯାତ୍ରା ଅନୁଷ୍ଠିତ ହେବ। ବାଲିଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା ହୋଇଛି। ସାମାଜିକ କର୍ମୀ ବଟକୃଷ୍ଣ ଦାଶ ଓ ସ୍ତମ୍ଭକାର ପ୍ରମୋଦ କୁମାର ପ୍ରଧାନଙ୍କ ମତରେ, ଚେଳିତୋଳ ବାଲିଯାତ୍ରା ସାଂସ୍କୃତିକ ଜାଗରଣ ସୃଷ୍ଟି କରିଛି। ଯାହା ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିଆସୁଛି। ଚାଇନା ପରିବ୍ରାଜକ ହୁଏନ ସାଂଙ୍କ ଭାରତ ଭ୍ରମଣରେ ଚେଳିତୋଳ ପୋତାଶ୍ରୟ ସମ୍ପର୍କରେ ଉଲ୍ଲେଖ କରିଥିଲେ।

**କଳିଙ୍ଗ ବାଲିଯାତ୍ରା ମହୋତ୍ସବ:** ଜଗତ୍‌ସିଂହପୁର ଜିଲା ପାରାଦୀପର ବତିଘର ପାଖ ବେଳାଭୂମିରେ (ଅଧୁନା ବିଜୁ ମୈଦାନ)ଠାରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ପାଳିତ ହେଉଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ। ୧୯୯୨ରୁ ଏହି ବାଣିଜ୍ୟ ମେଳା ଆରମ୍ଭ ହୋଇଥିଲା। ସେତେବେଳେ ଡା. ଦାମୋଦର ରାଉତ, ସ୍ୱର୍ଗତ ବିଭୂତି ପଣ୍ଡା ଓ ଅନ୍ୟ କେତେଜଣ ଉଦ୍ୟୋଗୀ ଯୁବକଙ୍କ ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଥିଲା। କାରଣ ସେହିବର୍ଷ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦରରେ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସ ଆରମ୍ଭ କରି ନିବେଦିତା ଆଚାର୍ଯ୍ୟ ନାମକ ଜଣେ ଓଡ଼ିଆ ଝିଅଙ୍କୁ ବୋଇତ ଯୋଗେ ଇଣ୍ଡୋନେସିଆ ପଠାଇ ଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ବନ୍ଦର ଦିବସ ପାଳନ ହେଉଥିବାରୁ ତା'ର ପୂର୍ବଦିନ କଳିଙ୍ଗ ବାଲିଯାତ୍ରା ଆରମ୍ଭ କରାଯାଇଥିଲା। ପାରାଦୀପ କଳିଙ୍ଗ ବାଲିଯାତ୍ରା କାର୍ତ୍ତିକ ପୂର୍ଣ୍ଣିମା ପୂର୍ବ ସନ୍ଧ୍ୟାରୁ ଆରମ୍ଭ ହୋଇଥାଏ। ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ୩ ବର୍ଷ ଘରୋଇ ଭାବେ ପାଳନ ହୋଇଥିଲା। ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥା, ସଂଘ ଓ ଷ୍ଟଲ୍ ଭଡ଼ା ବାବଦରେ ଅର୍ଥ ଆସେ। ଆୟବ୍ୟୟ ସ୍ୱଚ୍ଛତା ରଖିବା ପାଇଁ ୧୯୯୬ ମସିହାରୁ ଜିଲା ପ୍ରଶାସନକୁ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ସେହି ଅନୁସାରେ ବାଲିଯାତ୍ରା କମିଟି ଗଠନ ହୋଇଛି।

**ଧାମରା-ଚାନ୍ଦବାଲି ବୋଇତ ବନ୍ଦାଣ ଉତ୍ସବ:** କାର୍ତ୍ତିକ ପୂର୍ଣ୍ଣିମାଦିନ ଧାମରା-ଚାନ୍ଦବାଲି ବନ୍ଦର ଦେଇ ସୁଦୂର ଜାଭା ସୁମାତ୍ରାକୁ ଜଳପଥରେ ବେପାର ବଣିଜ ପାଇଁ ବୋଇତ ମେଲି ଦେଉଥିଲେ ସାଧବ ପୁଅମାନେ। ଆହ୍ଲାମରା କାଠୁଆ ଡଙ୍ଗାଠାରୁ ଷ୍ଟିମର ପର୍ଯ୍ୟନ୍ତ ଉତ୍କଳୀୟ ନୌବାଣିଜ୍ୟର ସୁବର୍ଣ୍ଣ ଯୁଗର ମୂକସାକ୍ଷୀ, ଧାମରା-ଚାନ୍ଦବାଲି ବନ୍ଦର ଏବେ ଇତିହାସ ପାଲଟିଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଦୁଇଦିନ ଧରି ଧାମରା-ଚାନ୍ଦବାଲିର ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି। ଧାମରାର ବୋଇତ ବନ୍ଦାଣ କମିଟି ଓ ଚାନ୍ଦବାଲିର 'ଆମ ପରମ୍ପରା' ଏହି ଦୁଇ ଅନୁଷ୍ଠାନ ଉଦ୍ୟମରେ ପ୍ରତିବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ଧାମରା ଓ ଚାନ୍ଦବାଲି ଅଞ୍ଚଳ ମଧ୍ୟରେ ଚାଲୁଛି ଏକ ପ୍ରତୀକାତ୍ମକ ବାଣିଜ୍ୟ। ସାଧବ ବେଶରେ ପ୍ରତିବର୍ଷ ୭ ଜଣ ସ୍ଥାନୀୟ ଅଧିବାସୀ ବୈତରଣୀ ନଦୀରେ ଯନ୍ତ୍ରଚାଳିତ ବୋଟ୍‌ରେ ଦୀର୍ଘ ୨୫କିଲୋମିଟର ଜଳଯାତ୍ରା କରିଥାଆନ୍ତି। ଗୋଟିଏ ବର୍ଷ ଧାମରାରୁ ସାତ ସାଧବ ବୋଇତରେ ଚାନ୍ଦବାଲି ଆସୁଥିବା ବେଳେ ପରବର୍ଷ ଚାନ୍ଦବାଲିରୁ ସାତ ସାଧବ ବୋଇତରେ ଧାମରାକୁ ଯାଉଛନ୍ତି। ତେବେ ଧାମରା ଭୂଖଣ୍ଡର ଅଧିଷ୍ଠାତ୍ରୀ ଦେବୀ ମା'ଧାମରାଈ ଓ ଚାନ୍ଦବାଲି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ କରୁଣା ସମସ୍ତଙ୍କର ଲୋଡ଼ା। ସାଧବଙ୍କ ସନନ୍ଦ ପାଠରେ ସ୍ଥାନ ପାଇଥାଏ ଉଭୟ ଦେବୀଙ୍କର ଗୁଣଗାନ। ସେଦିନ ପରି ଆଜି ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ କାଳୀମନ୍ଦିର ଓ ଧାମରାଈ ମନ୍ଦିରରେ ଏହି ଅବସରରେ ପୂଜାର୍ଚ୍ଚନା କରି ସାଧବମାନେ ଆଶିଷ ଭିକ୍ଷା କରି ଜଳଯାତ୍ରା ଆରମ୍ଭ କରିଥାଆନ୍ତି। ଧାମରାଈ ଘାଟ ଓ ଚାନ୍ଦବାଲିର ଶାସ୍ତ୍ରୀଘାଟରେ ମହିଳାମାନେ ସାଧବମାନଙ୍କୁ ବନ୍ଦାପନା କରିବାକୁ ଏକତ୍ରିତ ହୋଇଥାଆନ୍ତି। ସାଧବମାନଙ୍କ ସାଙ୍ଗରେ ରହିଥାଏ ବିଭିନ୍ନ ବାଣିଜ୍ୟିକ ଦ୍ରବ୍ୟ। ପ୍ରତୀକ ବ୍ୟବସାୟରେ ଉଭୟ ଅଞ୍ଚଳରୁ ଅଣାଯାଇଥିବା ବ୍ୟବସାୟିକ ଦ୍ରବ୍ୟ ଯେମିତିକି କଉଡ଼ି, ଗୁଆ, ମସଲା, ମୁଦ୍ରା ଆଦି ପଣ୍ୟଦ୍ରବ୍ୟର ଆଦାନ ପ୍ରଦାନ ହୋଇଥାଏ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ। ଏହି ଅବସରରେ ଧାମରା ମାଛଧରା ପୋର୍ଟପଡ଼ିଆ ଓ ଚାନ୍ଦବାଲି କାଳୀପଡ଼ିଆରେ ଆୟୋଜିତ ହେଉଛି ବାଲିଯାତ୍ରା। ଦୁଇ ଦିନ ଧରି ସାଂସ୍କୃତି କାର୍ଯ୍ୟକ୍ରମ ଓ ବାଲିଯାତ୍ରାରେ ମଜା ନେଉଛନ୍ତି ଦୁଇ ଅଞ୍ଚଳବାସୀ।

**ଭୁବନେଶ୍ୱର ବଲିଯାତ୍ରା:** ରାଜଧାନୀ ଭୁବନେଶ୍ୱରରେ ବର୍ଷର ବିଭିନ୍ନ ସମୟରେ ନାନା ପ୍ରକାରର ମେଳାମହୋତ୍ସବ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳେ। ତେବେ ଭୁବନେଶ୍ୱର ଉପକଣ୍ଠସ୍ଥ କୁଆଖାଇ ନଦୀପଠାରେ କାର୍ତ୍ତିକପୂର୍ଣ୍ଣିମା ଅବସରରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଏଠାରେ ବହୁସଂଖ୍ୟାରେ ବିଭିନ୍ନ ଦୋକାନ ପଡ଼ିବାର କାର୍ଯ୍ୟକ୍ରମ ରହିଛି। ଲୋକମାନଙ୍କ ଯାତାୟାତ ପାଇଁ ଯାତ୍ରାପଡ଼ିଆ ଭିତରେ ଅସ୍ଥାୟୀ ରାସ୍ତା ଏବଂ ନଦୀପଠାରେ ଆଲୋକ ବ୍ୟବସ୍ଥା ନିମନ୍ତେ ଭୁବନେଶ୍ୱର ବାଲିଯାତ୍ରାକମିଟି ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ ପ୍ରଶାସନ ଓ ଯାତ୍ରାକମିଟି ସହଯୋଗ କରୁଛି। ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସେଇବା ସହିତ ଏଠାରେ ଆୟୋଜିତ ବାଲିଯାତ୍ରାକୁ ବୁଲି ଦେଖିପାରିବେ।

**ଚିଲିକା ବୋଇତ ବନ୍ଦାଣ ଓ ଚଣ୍ଡେଶ୍ୱର ମେଳା:** କଥାରେ ଅଛି ସାତ ସମୁଦ୍ର ତେର ନଈ ପାରହୋଇ ବୋଇତନେଇ ଯାଉଥିବା ସାଧବ ପୁଅ ଦକ୍ଷିଣ- ପୂର୍ବ ଏସିଆରେ ସ୍ଥାପନ କରିଥିଲେ ଅନେକ ଉପନିବେଶ। ଏହାର ଉପକୂଳରେ ଅନେକ ବନ୍ଦର ଥିବାର ଲକ୍ଷ୍ୟ କରାଯାଏ। ଚିଲିକାରେ ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଅତୀତରେ ଦକ୍ଷିଣ ଭାରତରୁ ପର୍ଯ୍ୟଟକମାନେ ପୁରୀ ଆସିବା ପାଇଁ ଚିଲିକାପଥକୁ ଗୁରୁତ୍ୱ ଦେଉଥିଲେ। କାଳକ୍ରମେ ଅନେକ ପରିବର୍ତ୍ତନ ଘଟିଛି। ଚିଲିକାରେ ଦିନେ ସାଧବ ପୁଅମାନେ ବୋଇତ ଯାତ୍ରା କରିଥିବାର ଇତିହାସରୁ ଜଣାପଡ଼େ। ଚିଲିକାର କଳିଯୁଗେଶ୍ୱର ବା ଦୀପମୁଣ୍ଡିଆ ବତିଘର ବୋଇତକୁ ଦିଗ୍‌ନିର୍ଣ୍ଣୟ କରିବାରେ ସାହାଯ୍ୟ କରୁଥିଲା। ଚିଲିକାର ଉପକୂଳ ଅଞ୍ଚଳର ବଣିକମାନେ ଚିଲିକା ମଧ୍ୟ ଦେଇ ମଗରମୁଖା ଓ ପାଲୁର ମୁହାଣ ଦ୍ୱାରା ବୋଇତଗୁଡ଼ିକୁ ସମୁଦ୍ରରେ ପ୍ରବେଶ କରାଉଥିଲେ। ସୁଦୂର ପ୍ରାଚ୍ୟ ଓ ପାଶ୍ଚାତ୍ତ ଦେଶରେ ଏହି ବାଣିଜ୍ୟ କାରବାର ଚାଲୁଥିଲା। ଚିଲିକାର ମାଣିକପାଟଣା ଏବଂ ପାଲୁର ଉପକୂଳ ଓ ପୋତରଗଡ଼ରୁ ବୋଇତ ଯାଉଥିବାର ସଙ୍କେତ ମିଳେ। କିନ୍ତୁ ବାଲୁଗାଁ -ଚିଲିକା କୂଳରେ ପ୍ରାୟ୨ଦଶନ୍ଧିରୁ ଅଧିକ ବର୍ଷ ଧରି ପ୍ରତିବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଥାଏ। ସେହିପରି ପାରିକୁଦ ଚିଲିକା ନୌଘାଟରେ ଏବଂ ଜହ୍ନିକୁଦ ଏବଂ ଚକାନାସୀଠାରେ ଉତ୍ସବ ପାଳନ ହୁଏ। ମାତ୍ର ଚିଲିକା ନିକଟବର୍ତ୍ତୀ ଚଣ୍ଡେଶ୍ୱର ଗ୍ରାମରେ ଶ୍ରୀଚଣ୍ଡେଶ୍ୱରଦେବଙ୍କ ପୀଠରେ ପ୍ରାୟ ୧୫ ଦିନଧରି କାର୍ତ୍ତିକ ପୂର୍ଣ୍ଣିମାମେଳା ପଡ଼ିଥାଏ। ଏହି ଯାତ୍ରାରେ ବିଭିନ୍ନ ଘର କରଣା, ସମେତ ନାନାପ୍ରକାରର ସାମଗ୍ରୀ କିଣାବିକା ହେଉଥିବାର ଦେଖିବାକୁ ମିଳେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏଠାକୁ ଆସିଥାନ୍ତି। ଚଣ୍ଡେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ କମିଟି ଦ୍ୱାରା ଏହା ପରିଚାଳିତ ହୋଇଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସ୍ଥାନୀୟ ଟାଙ୍ଗୀ, ବାଲୁଗାଁ , କୁହୁଡ଼ି ପୋଲିସ ଏବଂ ସ୍ଥାନୀୟ କଲେଜ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନେ ସହଯୋଗ କରିଥାନ୍ତି। ଅନ୍ୟପକ୍ଷେ ପୁରୀ, ରାମଚଣ୍ଡୀ ,ଗୋପାଳପୁର, ଚାନ୍ଦିପୁର ଆଦି ବେଳାଭୂମି ସମେତ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ବୋଇତବନ୍ଦାଣ ଉତ୍ସବ ପାଳନ ହେଉଥିବାବେଳେ କେତେକସ୍ଥାନରେ ମେଳାମହୋତ୍ସବ ହୋଇଥାଏ।

ତେବେ ଉତ୍କଳର ନୌବାଣିଜ୍ୟ ସମ୍ପର୍କରେ ବିଭିନ୍ନ ପୁରାଣଶାସ୍ତ୍ର, ଇତିହାସ ଓ ଭୌଗୋଳିକ ନୌବାଣିଜ୍ୟ ଓ ମେଳା ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।ସମୟ କ୍ରମେ ଓଡ଼ିଆ ପୁଅ ଆଉ ନୌବାଣିଜ୍ୟ ପାଇଁ ବୋଇତରେ ଦରିଆ ପାରି ହେଉନି। ପୁରାତନ ନୌବାଣିଜ୍ୟର ପତନ ଘଟିଛି ମାତ୍ର ଉତ୍କଳୀୟ କଳାସଂସ୍କୃତି ପର୍ବପର୍ବାଣି ମଧ୍ୟରେ ବୋଇତବନ୍ଦାଣ ଅତୀତର ପୂର୍ବଗୌରବକୁ ସ୍ମରଣ କରାଉଛି।

**-ବନବିହାରୀ ବେହେରା, ଅଶୋକ ପଣ୍ଡା**
**କାର୍ତ୍ତିକ ସାହୁ, ଶରତକୁମାର ରାଉତ,**
**ଗୌରାଙ୍ଗ ଚରଣ ସ୍ୱାଇଁ**



# ମଲ୍ଟି କଲର୍ ଜୁଏଲେରୀ







**ଗହଣା ପ୍ରତି ନାରୀମାନଙ୍କର ଦୁର୍ବଳତା ସବୁବେଳେ ରହିଆସିଛି। ଖାସ୍ ଏହି କଥାକୁ ଆଖି ଆଗରେ ରଖି ସମୟକ୍ରମେ ଗହଣାର ପରିପାଟିରେ ଆସିଛି ଅନେକ ପରିବର୍ତ୍ତନ। ଏଇ ଯେମିତି ଆଜିର ଫ୍ୟାଶନରେ ମଲ୍ଟି କଲର୍ ଜୁଏଲେରୀର ରହିଛି ବେଶ୍ ଚାହିଦା । ତେବେ ଯେକୌଣସି ପୋଷାକରେ ସୁନ୍ଦର ଲାଗୁଥିବା ଏହି ଜୁଏଲେରୀର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି, ଜାଣନ୍ତୁ ସେ ସମ୍ପର୍କରେ...**

**ମଲ୍ଟି କଲର୍ ପେଣ୍ଡେଣ୍ଟ ନେକ୍‌ଲେସ୍:** ଖାସ୍‌କରି ପର୍ଲ ନେକ୍‌ଲେସ୍ ସାଙ୍ଗରେ ମଲ୍ଟି ଷ୍ଟୋନ ଖଚିତ ପେଣ୍ଡେଣ୍ଟ ଅଧିକ ସୁନ୍ଦର ଦେଖାଯାଇଥାଏ। ଏହାକୁ ଯେକୌଣସି ଅକେଜନ୍‌ରେ ବି ଆରାମରେ କ୍ୟାରି କରାଯାଇପାରେ।

**ମଲ୍ଟି କଲର୍ ଟାଇମ୍-ପିସ୍ ନେକ୍‌ଲେସ୍:** ଯେଉଁ ଯୁବତୀଙ୍କୁ ଚାର୍ମ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ମଲ୍ଟି କଲର୍ ଟାଇମ-ପିସ୍ ନେକ୍‌ଲେସ୍ ଟ୍ରାଏ କରିପାରିବେ। କାରଣ ଏହା ଏକ ପ୍ରକାରର ଟ୍ରେଣ୍ଡି ଜୁଏଲେରୀ।

**ମଲ୍ଟି ଷ୍ଟୋନ୍ ସିଙ୍ଗଲ୍ ଷ୍ଟେଟ୍‌ମେଣ୍ଟ ନେକ୍‌ଲେସ୍:** ଏହି ନେକ୍‌ଲେସ୍‌କୁ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ। ଏଥିରେ ମଲ୍ଟି ଷ୍ଟୋନ୍ ଲାଗିଥିବାରୁ ଏହାକୁ ଯେକୌଣସି ରଙ୍ଗର ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ। ଖାସ୍‌କରି ଡିପ୍ ନେକ୍ ଥିବା ଆଉଟ୍‌ଫିଟ୍ ସହ ଏହି ଟାଇପ୍‌ର ନେକ୍‌ଲେସ୍‌କୁ ପିନ୍ଧିଲେ ଏହା ସ୍ୱଷ୍ଟଭାବେ ଦେଖାଯାଇଥାଏ।

**ମଲ୍ଟି କଲର୍ ଇୟର ରିଂ:** ଏହି ଇୟର ରିଂକୁ ଯେକୌଣସି କଲର୍‌ର ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ। ତେବେ ତାହା ଟ୍ରାଡିଶନାଲ୍ ସାଲୱାର୍ ସୁଟ୍ ହେଉ କି ଜିନ୍ସ ଅବା ସର୍ଟ୍ସ। ଆଜିକାଲି ତ ଗୋଲ୍ଡ, ରୋଜ୍‌ଗୋଲ୍ଡ ତଥା ସିଲ୍‌ଭର କଲରର କମ୍ବିନେଶନକୁ ମିଶାଇ ତିଆରି ହେଉଥିବା ଏକ ସ୍ୱତନ୍ତ୍ର ଧରଣର ମଲ୍ଟି କଲର୍ ଇୟର ରିଂର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି, ଯାହା ଆକର୍ଷଣୀୟ ଲାଗିବା ସହ ନାରୀଙ୍କୁ ଭାଇବ୍ରାଣ୍ଟ ଲୁକ୍ ଦେଇପାରୁଛି।

**ମଲ୍ଟି କଲର୍ ମିସ୍‌ମ୍ୟାଚ୍ ଇୟର ରିଂ:** ବର୍ତ୍ତମାନର ଫ୍ୟାଶନ ଦୁନିଆରେ ମିସ୍‌ମ୍ୟାଚ୍ ଜୁଏଲେରୀର ବି ଖୁବ୍ ଚାହିଦା ରହିଥିବା ଦେଖିବାକୁ ମିଳୁଛି। ଖାସ୍‌କରି ମଲ୍ଟି କଲର୍ ଷ୍ଟୋନ୍‌ରେ ଆସୁଥିବା ମିସ୍‌ମ୍ୟାଚ୍ ଇୟର ରିଂ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେବେ ଏହି ଟାଇପ୍‌ର ଇୟର ରିଂ ପିନ୍ଧିଲାବେଳେ ଶରୀରରେ ଆଉ କୌଣସି ମଲ୍ଟି କଲର୍‌ର ଜୁଏଲେରୀ ପିନ୍ଧିବା ଆଦୌ ଠିକ୍ ନୁହେଁ। ନଚେତ୍ ଲୁକ୍ ସେତେ ଆଟ୍ରାକ୍ଟିଭ୍ ଲାଗିବନି।

**ମଲ୍ଟି କଲର୍ ଚୁଡ଼ି:** ମଲ୍ଟି କଲର୍ ଷ୍ଟୋନ୍ ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ଚୁଡ଼ି ଏବେ ମାର୍କେଟ୍‌ରେ ମିଳୁଛି, ଯାହାକୁ ଖାସ୍ କରି ଶାଢ଼ି, ସାଲ୍‌ୱାର୍ ସୁଟ୍ କିମ୍ବା ଲେହେଙ୍ଗା ସହ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ। ବିନା ଷ୍ଟୋନ୍‌ବାଲା ମଲ୍ଟି କଲର୍ ଚୁଡ଼ି ବି ଏବେ ମାର୍କେଟରେ ମିଳିଲାଣି, ଯାହାକୁ ପାର୍ଟି, ଫଙ୍କଶନ୍‌କୁ ଗଲାବେଳେ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ମଲ୍ଟି କଲର୍ ରିଙ୍ଗ:** ରିଙ୍ଗ୍ ବା ମୁଦି ବି ହେଉଛି ଏମିତି ଏକ ଜୁଏଲେରୀ, ଯାହା ହାତର ଶୋଭା ବର୍ଦ୍ଧନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନାନା ପ୍ରକାରର ମୁଦି ମଧ୍ୟରେ ମଲ୍ଟି କଲର୍ ରିଙ୍ଗ୍ ତ ଅଧିକ ଆକର୍ଷକ ଲାଗେ। ଏହାକୁ ଶାଢ଼ିଠୁ ଆରମ୍ଭ କରି ଏମ୍ବ୍ରୋଡୋରିର ଜ୍ୟାକେଟ୍ ପର୍ଯ୍ୟନ୍ତ ସବୁଥିରେ ମ୍ୟାଚିଂ କରି ପିନ୍ଧିପାରିବେ।











# ବକ୍ସିଂ ଗୁରୁ




ନିଜର କଠିନ ପରିଶ୍ରମ ଓ ନିରନ୍ତର ପ୍ରୟାସ ଦ୍ୱାରା ସେ କେବଳ ସଫଳତା ହାସଲ କରିନାହାନ୍ତି ବରଂ ଅନେକଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର କରିବାକୁ ଇଚ୍ଛୁକ ବିଦ୍ୟାର୍ଥୀଙ୍କୁ ଦେଉଛନ୍ତି ମାଗଣା ପ୍ରଶିକ୍ଷଣ। ଜଣେ ସଫଳ କ୍ରୀଡ଼ାବିତ ସହିତ ସାମାଜିକ କର୍ମୀ ଓ ଦରଦୀ ମଣିଷ ଭାବେ ପରିଚିତ ସୁଦର୍ଶନ ସାହୁ।

୧୯୬୮ ମସିହାରେ ପୁରୀ ଜିଲାର କୁମ୍ଭାରପଡ଼ାଠାରେ ତାଙ୍କର ଜନ୍ମ। ପିଲାଟିବେଳୁ କ୍ରୀଡ଼ା ପ୍ରତି ତାଙ୍କର ରୁଚି ରହିଥିଲା। କୁମ୍ଭାରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିଲା ସମୟରେ ପ୍ରତେକ ଦିନ ଭୋଳାନାଥ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଅଭ୍ୟାସ କରୁଥିଲେ। ଛାତ୍ର ଜୀବନରେ ପିତାଙ୍କୁ ହରାଇଥିଲେ। ତଥାପି ଅଭାବ, ଅନଟନ ତାଙ୍କ ପାଠପଢ଼ା, ଖେଳକୁଦରେ ବାଧା ସୃଷ୍ଟି କରିପାରି ନ ଥିଲା। ସବୁ ବାଧାବିଘ୍ନକୁ ଏଡାଇ ଆଗକୁ ଚାଲିଥିଲେ।

**ବକ୍ସିଂ ପ୍ରତି ନଜର :** ଦିନେ ସମୁଦ୍ର କୂଳରେ ବୁଲୁଥିବା ବେଳେ ବେଳାଭୂମି ନିକଟରେ ଏକ କ୍ଲବ୍‌ରେ କେତେଜଣ ଯୁବକ କ୍ରୀଡ଼ାଭ୍ୟାସ କରୁଥିବା ଦେଖି କୌତୂହଳବଶତଃ ସେଠାରେ ପହଞ୍ଚିଥିଲେ। ଆଉ ଏହିଠାରୁ ହିଁ ସେ ବକ୍ସିଂ ପ୍ରତି ଆକର୍ଷିତ ହେଲେ। ଧୀରେ ଧୀରେ ଏହା ତାଙ୍କ ନିଶାରେ ପରିଣତ ହୋଇଗଲା। ଜାନୁୟାରୀ ୨୬, ୧୯୮୦ରେ ଝାଡେଶ୍ୱରୀ କ୍ଲବରେ ଆୟୋଜିତ ହୋଇଥିବା ବକ୍ସିଂ ପ୍ରତିଯୋଗିତାରେ ସେ ପ୍ରଥମ ଜୁନିୟର ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରବର୍ତ୍ତୀ ସମୟରେ ସେ ବକ୍ସିଂ ଶିଖିବାକୁ ମନସ୍ଥ କରିଥିଲେ। ଏହା ଥିଲା ସୁଦର୍ଶନଙ୍କ ଜୀବନର ଟର୍ନିଂ ପଏଣ୍ଟ। ସୁଦର୍ଶନ ଜାଇଗଡ଼ ଜାଗା ଅଞ୍ଚଳର ପିଲାମାନଙ୍କ ସହିତ ବକ୍ସିଂ ଟ୍ରେନିଂ ନେବା ଆରମ୍ଭ କଲେ। ସେହି ସମୟରେ ଶ୍ରୀକ୍ଷେତ୍ରରେ ଅନେକ ଜାଗା, ଆଖଡ଼ାରେ କୁସ୍ତି କସରତ ଶିକ୍ଷା ଦିଆଯାଉଥିଲା। ସୁଦର୍ଶନ କୁମ୍ଭାରପଡ଼ା ଜାଇଗଡ ଜାଗାରେ ଶାରୀରିକ ଅଭ୍ୟାସ କରୁଥିଲେ। ସେଠାରେ ସେଭଳି କେହି ବକ୍ସିଂ ପ୍ରଶିକ୍ଷକ ନ ଥିଲେ, ଏପରିକି ବକ୍ସିଂ ଉପକରଣ ଉପଲବ୍ଧ ନ ଥିଲା। ଯଦି କେହି ବକ୍ସିଂ ଉପକରଣ ଆଣିଥାଏ, ଉପକରଣ ବ୍ୟବହାର ପାଇଁ ସାଙ୍ଗମାନଙ୍କ ମଧ୍ୟରେ ସଂଘର୍ଷ କରିବାକୁ ପଡୁଥାଏ। ସେହି ସମୟରେ ବିଭିନ୍ନ କ୍ଲବରେ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ଜିଲାସ୍ତରୀୟ ପ୍ରତିଯୋଗୀତାଠାରୁ ଆରମ୍ଭ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କଲେ।



**'ପୁରୀ ବକ୍ସିଂ ଏକାଡେମୀ' ଗଠନ :** ଜୀବନରେ ଅନେକ ଉତ୍ଥାନ ପତନ ଦେଇ ଗତି କରିଥିବା ସୁଦର୍ଶନ ମେଧାବୀ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ୨୦୧୦ରେ ପୁରୀ ବକ୍ସିଂ ଏକାଡେମୀ ଗଠନ କଲେ। ତାଙ୍କ ଦ୍ୱାରା ଗଠିତ ଏହି ଏକାଡେମୀର ପିଲାମାନେ ରାଜ୍ୟ ତଥା ଜାତୀୟ ସ୍ତରର କ୍ରୀଡ଼ାରେ ଅଂଶଗ୍ରହଣ କରି ପଦକ ହାସଲ କରିଲେ। ପ୍ରତିବର୍ଷ ଏକାଡେମୀରୁ ୧୫ ରୁ ଅଧିକ ଆଥଲେଟ୍ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି।

**ମାଗଣା ପ୍ରଶିକ୍ଷଣ :** ସୁଦର୍ଶନ ମାଗଣା ତାଲିମ ସହ ପିଲାଙ୍କୁ କ୍ରୀଡ଼ା ଉପକରଣ ମଧ୍ୟ ଯୋଗାଇଥାନ୍ତି। ସେ ଚାହାନ୍ତି ଯେଉଁ ସମସ୍ୟା ସେ ସମ୍ମୁଖୀନ ହୋଇଛନ୍ତି ତାହା ଅନ୍ୟ କେହି ସମ୍ମୁଖୀନ ନ ହୁଅନ୍ତୁ। କେବଳ ଏତିକି ନୁହେଁ, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ବୁଝାଇ ସେମାନଙ୍କ ପାଠପଢାର ବ୍ୟବସ୍ଥା ସହ କ୍ରୀଡା କ୍ଷେତ୍ରରେ ଅଗ୍ରସର କରାଉଛନ୍ତି।

୨୦୧୩ରେ ରାଜ୍ୟ କ୍ରୀଡ଼ା ହଷ୍ଟେଲ ପାଇଁ ଚୟନ ହୋଇଥିବା ୧୩ ଜଣ ବକ୍ସରଙ୍କ ମଧ୍ୟରୁ ୮ଜଣ ସୁଦର୍ଶନଙ୍କ ଏକାଡେମୀରୁ ଚୟନ ହୋଇଥିଲେ। ଏଥିସହିତ ପିଲାମାନଙ୍କ ପ୍ରତିଭା ବିକାଶ ଲାଗି ସେ ନିଜସ୍ୱ ଉଦ୍ୟମରେ ବକ୍ସିଂ ପ୍ରତିଯୋଗିତା ଆୟୋଜନ କରି ପିଲାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସୁଦର୍ଶନ ବହୁ ଥର କୋଚ୍ ଭାବେ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତ। ବହୁ ଉଦୀୟମାନ ବକ୍ସିଂ ପ୍ରତିଭା ଯେପରି ଅକ୍ଷୟ ନାୟକ, ସୁବ୍ରତ ପ୍ରଧାନ, ସ୍ମାରକ ରଞ୍ଜନ ସାହୁ ସୁଦର୍ଶନଙ୍କଠାରୁ ପ୍ରଶିକ୍ଷଣ ନେଇ ଜାତୀୟ ସ୍ତରରେ ପଦକ ଜିତିପାରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏସନର ଉପାଧକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୧୫ ରୁ ୨୦୧୯ ପ୍ରଥମ ଏବଂ ୨୦୧୯ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପଦବୀରେ ଅଛନ୍ତି।

***–ପ୍ରଭାତ ପାଣିଗ୍ରାହୀ, ଖୋର୍ଦ୍ଧା***







# ରଙ୍ଗ ରହସ୍ୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଆମ ଜୀବନଶୈଳୀ ଉପରେ ରଙ୍ଗର ମଧ ଅନେକ ପ୍ରଭାବ ରହିଛି। ତେବେ କେଉଁ ରଙ୍ଗ କେଉଁ ସଙ୍କେତ ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**

* **ନାଲି:** ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ରଙ୍ଗ ଅନ୍ୟ ସବୁ ରଙ୍ଗଠାରୁ ଅଧିକ ପ୍ରଭାବଶାଳୀ ହୋଇଥାଏ। ବିଶ୍ୱାସ ରହିଛି ଜୀବନରେ ସୁଖ ସମୃଦ୍ଧି ଆଣିଥାଏ ନାଲି ରଙ୍ଗ। ହେଲେ ଭୁଲ୍‌ରେ ବି ନାଲି ରଙ୍ଗକୁ ବେଡ୍ ରୁମ୍‌ରେ ଲଗାଇବେ ନାହିଁ।
* **ନାରଙ୍ଗୀ:** ଜୀବନରେ ଆସୁଥିବା ବାଧାବିଘ୍ନକୁ ସାହାସର ସହ ସାମ୍ନା କରିବାକୁ ଏହି ରଙ୍ଗ ମାନସିକ ସ୍ତରରେ ଆମକୁ ଦୃଢ କରିଥାଏ। ତେଣୁ ଏହି ରଙ୍ଗକୁ ବି ଆମ ଦୈନନ୍ଦୀନ ଜୀବନରେ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବା।
* **ହଳଦିଆ:** ଉତ୍ସାହର ପ୍ରତୀକ ହେଉଛି ଏହି ରଙ୍ଗ। ଗମ୍ଭୀରରୁ ଗମ୍ଭୀର ପରିସ୍ଥିତିରେ ବି ଏହା ମାନସିକ ସ୍ତରରେ ଦୃଢ ହେବା ପାଇଁ ପ୍ରେରଣା ଦେଇଥାଏ। ତେଣୁ ପୋଷାକଠାରୁ ଆରମ୍ଭ କରି ଘରେ ବି ହଳଦିଆ ରଙ୍ଗର ବ୍ୟବହାର କରିପାରିବେ।
* **ସବୁଜ:** ଏହି ରଙ୍ଗ ହେଉଛି ଶାନ୍ତିର ପ୍ରତୀକ। ଯେଉଁମାନେ ଅଧିକରୁ ଅଧିକ ଏହି ରଙ୍ଗର ବ୍ୟବହାର କରିଥାନ୍ତି, ତାଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।



* **ନୀଳ:** ସତ୍ୟତାର ସମ୍ପର୍କ ଏହି ରଙ୍ଗ ସହିତ ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ତେଣୁ ଘରେ ଏହି ରଙ୍ଗର ବ୍ୟବହାର ବି କରିପାରିବେ।
* **ବାଇଗଣୀ:** ଏହି ରଙ୍ଗ ମନକୁ ଆଧାତ୍ମିକତା ଆଡ଼କୁ ଅଗ୍ରସର କରାଇଥାଏ। ତେଣୁ ପୂଜା ଘରେ ଏହି ରଙ୍ଗର ପ୍ରୟୋଗ କରିବା ଶୁଭଫଳ ଦେଇଥାଏ।
* **ସୁନେଲି:** ଏହି ରଙ୍ଗ ଆତ୍ମସମ୍ମାନ ତଥା ଧନବୃଦ୍ଧିକୁ ସୂଚାଇଥାଏ। ତେଣୁ ଘରେ ଏହି ରଙ୍ଗର ଡୋର୍ ସ୍କ୍ରିନ୍ ଲଗାଇପାରିବେ କିମ୍ବା ଏହି ରଙ୍ଗର ପୋଷାକ ମଧ ପିନ୍ଧି ପାରିବେ।
* **କଳା ଓ ଧଳା:** କଳାରଙ୍ଗ ଯେଉଁଠି ଜୀବନରେ ସମସ୍ୟା ତଥା ଅବସାଦକୁ ବଢାଇଥାଏ, ସେଠି ଧଳାରଙ୍ଗ ମନକୁ ଶାନ୍ତି ପ୍ରଦାନ କରିଥାଏ। ଖାସ୍ ସେଇଥିପାଇଁ ଘରର ଯେ କୌଣସି ରୁମ୍‌ରେ ଧଳା ରଙ୍ଗ ଲଗାଇଲେ ଚଳିବ କିନ୍ତୁ କଳା ରଙ୍ଗ କେଉଁଠି ବି ଲଗାଇବେ ନାହିଁ।



# ରିଲ୍

**– ଶିବାଶିଷ ପାଢ଼ୀ**

**ବୋ**ଧେ ଏଯାଏଁ ସେମାନଙ୍କ ମନରେ ବିଶ୍ୱାସ ଜନ୍ମି ନଥିଲା ସେଇଥିପାଇଁ ପାଖକୁ ଆସୁ ନଥିଲେ ସେମାନେ । ବଢ଼ି ଚାଲୁଥିଲା ଅପେକ୍ଷାର ସମୟ । ବିରକ୍ତ ହେଲେ ବି ଏମାନେ ଜାଣିଥିଲେ ନିଶ୍ଚୟ ଆସିବେ ସେମାନେ । କାରଣ ସେମାନେ ତ ମଣିଷ ନୁହନ୍ତି ନାଁ । ମଣିଷ ହୋଇଥିଲେ ଅଲଗା କଥା ହେଲେ ସେମାନେ ତ ପଶୁ ! ଏତେ ଫନ୍ଦି ଫିକର ଜାଣିବେ କେମିତି ?

ବସିଥିଲେ ପାଖ ଡାଳରେ । ଥରେ ସେ ବୋତଲ ଆଡକୁ ତ ଥରେ ଏମାନଙ୍କୁ ଚାହୁଁଥିଲେ ଢୁଲୁଢୁଲୁ କରି ।

ଶକ୍ତ କ୍ୟାମେରା ଅହରହ ଟାଣୁଥିଲା ଫଟୋ । ମନେ ପଡିଲା ପିଲାଦିନେ ପଢିଥିବା ଟୋପିବାଲାର କାହାଣୀ ।

ତଳେ ଠିକ ସେମିତିଆ ବୋତଲଟେ ଧରି ପିଇବାର ଅଭିନୟ କରୁଥିଲେ ଏମାନେ ।

କାମ ଦେଇଥିଲା ଟ୍ରିକ ! ଆଗକୁ ବଢିଥିଲା ଗୋଟିଏ ବଡ଼ ମାଙ୍କଡ଼ ଏବଂ ତଳେ ଖେଳିଯାଉଥିଲା ଆନନ୍ଦର ଲହରୀ ।

ଧୀରେଧୀରେ ଡାଳସନ୍ଧିରେ ଥିବା ବୋତଲକୁ ନେଇ ପିଇ ଦେଇଥିଲା କିଛି ଢୋକ ।

ଚେହେରାକୁ ଆଶାନୁରୂପ ବିକୃତ କରିଦେଇଥିଲା ସେ । ଆକ୍ସନ ପୁରା ମନଲାଖି ଥିଲା ହେଲେ କ'ଣ ଭାବିଲା କେଜାଣି ପିଇଦେଲା ଆହୁରି ଦୁଇ ଢୋକ ।

ମାତ୍ର କିଛି ସମୟର ଅପେକ୍ଷା । ମଦ ନିଶାରେ ଚୁର ହୋଇ ଯାଇଥିବା ନିରୀହ ପଶୁଟି ତା'ପରେ ଆରମ୍ଭ କରିଦେଲା ବିଚିତ୍ର ଅଙ୍ଗଭଙ୍ଗି ।

ପୁରା ପରଫେକ୍ଟ ଦୋସ୍ତ ! ରେକର୍ଡିଙ୍ଗ କରୁଥାଅ । କହି ଏପଟେ ବି ଚାଲିଥିଲା ଢୋକ ପରେ ଢୋକ । ତିନି ମିନିଟିଆ ରିଲ୍ର ସମ୍ଭାବ୍ୟ ସଫଳତାରେ ବିଭୋର ହୋଇ ତଳେ ଆରମ୍ଭ ହୋଇ ସାରିଥିଲା ସିଲେବ୍ରେସନ୍ ।

ଠିକ ଏତିକିବେଳେ ହଠାତ ଖପ କରି ଖସିଗଲା ମଦ୍ ନିଶାରେ ଚୁର ମାଙ୍କଡ଼ଟି କାରଣ ସେତେବେଳକୁ ବୁଡ଼ି ସାରିଥିଲା ତା'ର ହୋସ । ଉଚ୍ଚଡାଳରୁ ସିଧା ପଡିଗଲା ତଳେ ଥିବା ପଥର ଉପରେ ।

ଅତିଶୀଘ୍ର ସେ ସ୍ଥାନ ପରିତ୍ୟାଗ କରି ଚାଲିଯାଇଥିଲେ ଏମାନେ ।

ହେଲେ ଚିଂ ଚାଙ୍ଗ ପାଟିକରି ଦୌଡ଼ି ଆସୁଥିଲେ ଜାତିଭାଇ କାରଣ ସେମାନେ ତ ମଣିଷ ନଥିଲେ ।

ମାତ୍ର କିଛି ଘଣ୍ଟା ପରେ ଅପୂର୍ବ ସଫଳତା ସାଉଁଟି ଚାଲିଥିଲା ତିନି ମିନିଟର ରିଲ !

*–ହେମଗିର, ସୁନ୍ଦରଗଡ଼,*

*ମୋ:୯୭୭୮ ୧୭୪୯୭୮*





# ସମ୍ପର୍କ

**–ଆଶୁତୋଷ ଦାଶ**

**ଖୁ**ବ ଗୋଟେ ଲମ୍ବା ନିଶ୍ୱାସ
କିଛି ନିରୁତା ବିଶ୍ୱାସ,
ମୋଟେ ସରୁ ନ ଥିବା ରାସ୍ତାପରି
ଆଉ ଲିଭୁଥିବା ସଞ୍ଜବତୀର ଧୂଆଁପରି
ପବିତ୍ର ମହକ, ସମ୍ପର୍କ ।
କେତେବେଳେ ନିଦୁଆ ସକାଳ,
କେତେବେଳେ ଝାଂଜି ଖରାବେଳ
କେତେବେଳେ ଅଶିଣ ଉଆଁସୀ ସଞ୍ଜ
ପୁଣି କେତେବେଳେ ଫର୍ଚ୍ଚା ଫଗୁଣ ରାତିପରି
ସୁମଧୁର ପ୍ରୀତିର ପ୍ରତୀକ, ସମ୍ପର୍କ ।
ସେତୁ ପରି ଯୋଡୁଥାଏ ମନ
ବିଶ୍ୱାସର କାନ୍ଥ ଆଉ ଭରଷାର ଛାତପରି
ନିବୁଜ ନିଜର କରି ତୋଲୁଥାଏ ଘର

ବଞ୍ଚିବାର ରାହାଦିଏ
ପାହାନ୍ତିରେ ସପନ ଦେଖାଏ
ଲୁହକୁ ବି ଲୁହାଠାରୁ ଓଜନିଆ କରେ
ଆଉ କୋହସବୁକୁ ହଜିବାକୁ ଦେଇ
ଛାଡ଼ିଯାଏ ସ୍ମୃତିର ସନ୍ତକ, ସମ୍ପର୍କ ।

*–ନବାଟୀ ଶାସନ, ଦରଡ଼ା*
*ବାଲିପାଟଣା, ଖୋର୍ଦ୍ଧା*
*ମୋ:୯୪୩୭୬୨୮୨୩୩*

# ଇତି ନଥିବା ଚିଠି


**–ସୁଶ୍ରୀ ହରପ୍ରିୟା ସାହୁ**

**ହେ** ଶୁଭଙ୍କର
କିଛି ଶବ୍ଦ, କିଛି ଭାବ, କିଛି ରୂପକଳ୍ପ
ନେଇ ପଠାଉଛି କବିତାରେ ଚିଠି
ତୁମ ଠିକଣାରେ
ପହଞ୍ଚିବ ଯାଇ ।

କିଛି କଥା ଓ ବ୍ୟଥାକୁ ଲେଖିବାକୁ
କରିଥିଲି ମନ
ଜୀବନ ବଞ୍ଚିବା ପାଇଁ ଦେଖୁଥିଲି
କେତେ କେତେ ସ୍ୱପ୍ନ
କିଛି ସ୍ୱପ୍ନ ଝରି ତ ପଡ଼ିଛି
କିଛି ସ୍ୱପ୍ନ ସାଉଁଟି ରଖିଛି
ସାଉଁଟା ଶବ୍ଦକୁ ନେଇ
ଲେଖୁଛି ଏ ଚିଠି
ସେଥିପାଇଁ କବିତାର
କରିନି ମୁଁ ଇତି ।

*–ପଥୁରିଆ ସାହି, ପୁରୀ*
*ମୋ:୭୭୩୫୫୨୯୩୧୯*




'ଭେଡିୟା' ଫିଲ୍ମରେ ବରୁଣ-କ୍ରିତି

# ଠୁମକେଶ୍ୱରୀ

ବରୁଣ ଧାୱନ ଏବଂ କ୍ରିତି ସାନନ୍‌ଙ୍କ ଅଭିନୀତ 'ଭେଡିୟା'କୁ ନେଇ ଏବେ ଚର୍ଚ୍ଚା। ଏହି ଫିଲ୍ମରେ ସଂଯୋଜିତ ଏକ ଗୀତ 'ଠୁମକେଶ୍ୱରୀ' ନିକଟରେ ବେଶ୍ ଭାଇରାଲ୍ ହୋଇଛି। ଉକ୍ତ ଗୀତରେ ବରୁଣ-କ୍ରିତିଙ୍କ ଡୁଏଟ୍ ଦର୍ଶକଙ୍କୁ ବେଶୀ ପ୍ରଭାବିତ କରୁଥିବାର ଦେଖିବାକୁ ମିଳୁଛି। ଏପରିକି କ୍ରିତିଙ୍କୁ ତାଙ୍କର ସାଙ୍ଗମାନେ 'ଠୁମକେଶ୍ୱରୀ' ବୋଲି ସମ୍ବୋଧନ କରୁଛନ୍ତି। ଏହି ଗୀତଟିକୁ କୋରିଓଗ୍ରାଫି କରିଛନ୍ତି ଗଣେଶ ଆଚାର୍ଯ୍ୟ। ୨.୪୩ ମିନିଟ୍ ଅବଧି ବିଶିଷ୍ଟ ଗୀତଟିର ରଚନା ଅମିତାଭ ଭଟ୍ଟାଚାର୍ଯ୍ୟ କରିଥିବା ବେଳେ ସ୍ୱର ଦେଇଛନ୍ତି ସଚ୍ଚିନ-ଜିଗର। ଏହାର ହିନ୍ଦୀ ଭର୍ସନ ପାଇଁ କଣ୍ଠଦାନ କରିଛନ୍ତି ଆଶ କିଙ୍ଗ, ରଶ୍ମିତ କୌର। ଏ ନେଇ କ୍ରିତି କହନ୍ତି, 'ଭେଡିୟା' ଫିଲ୍ମର କାହାଣୀରେ କମେଡି ସହ ରହସ୍ୟ ଓ ରୋମାଞ୍ଚ ଭରି ରହିଛି। ନିକଟରେ ଏହାର ଠୁମକେଶ୍ୱରୀ ଗୀତ ରିଲିଜ ହୋଇଥିଲା ଯାହାକୁ ଦର୍ଶକ ଗ୍ରହଣ କରିଛନ୍ତି। ଏହି ଗୀତର ଶୁଟିଂ ସମୟରେ କେବଳ କୋରିଓଗ୍ରାଫର ଗଣେଶ ନୁହନ୍ତି ବରୁଣ ଏବଂ ମୁଁ ବେଶ୍ ପରିଶ୍ରମ କରିଥିଲୁ। ଫିଲ୍ମଟିର କାହାଣୀ ମଧ୍ୟ ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଦିନେଶ ଭିଜାନ୍ ଏହି ଚିତ୍ରର ପ୍ରଯୋଜନା କରିଥିବା ବେଳେ କାହାଣୀ ଲେଖିଛନ୍ତି ନୀରେନ୍ ଭଟ୍ଟ। ଅମର କୌଶିକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତ ମାସ ୨୫ରେ ପରଦା ଉପରକୁ ଆସିବ।

# କେବଳ ଯଶ

ଅଭିନୟରେ ଯଶ କେତେ ପାରଙ୍ଗମ ତାହା ବର୍ଣ୍ଣନା କରିବା କେବଳ ବାହୁଲ୍ୟ ହେବ। 'କେଜିଏଫ'ର ଆଶାତୀତ ସଫଳତା ପରେ ଏବେ ତାଙ୍କର ଡିମାଣ୍ଡ ଆହୁରି ବଢ଼ିଯାଇଛି। ଏପରି କି ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ କରନ୍ ଜୋହର ତାଙ୍କର ଆଗାମୀ ଦୁଇଟି ସିନେମା ପାଇଁ ଯଶଙ୍କୁ ସାଇନ୍ କରିବାକୁ ଯୋଜନା କରୁଛନ୍ତି। କେବଳ ସେତିକି ନୁହେଁ, କରନ୍‌ଙ୍କ ପରବର୍ତ୍ତୀ ସିନେମା 'ବ୍ରହ୍ମାସ୍ତ୍ର-୨'ରେ ଯଶଙ୍କୁ ଦେଖିବାକୁ ମିଳିବ ବୋଲି ପୂର୍ବରୁ ଶୁଣିବାକୁ ମିଳୁଥିଲା। କିନ୍ତୁ ନିକଟରେ କରନ୍ 'ଏକଥା ସତ' ଏବଂ ସେହି ଭୂମିକାକୁ କେବଳ ଯଶ ହିଁ ତୁଲାଇ ପାରିବେ ବୋଲି କହିଛନ୍ତି। ଏପରି ଅଫର ସମ୍ପର୍କରେ ଯଶ କହନ୍ତି, 'କରନ୍‌ଙ୍କ ପରି ନାମୀ ପ୍ରଯୋଜକଙ୍କ ଫିଲ୍ମରେ କାମ କରିବା ଭାଗ୍ୟରେ ଥିଲେ ମିଳେ। ସେ ମୋତେ ଏପରି ଅଫର୍ ଦେବା ପରେ ମୁଁ ପ୍ରଥମେ ବିଶ୍ୱାସ କରିପାରି ନ ଥିଲି। ତେବେ ମୋତେ ଏହି ଫିଲ୍ମରେ ଯେଉଁ ଭୂମିକା ଦିଆଯିବ ତାହାକୁ ଠିକ୍ ଭାବରେ ତୁଲାଇବାକୁ ଶତ ପ୍ରତିଶତ ଚେଷ୍ଟା କରିବି। ଏହି ଅଫର ପାଇଁ କରନ୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ। କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯଶ ବେଶ୍ ଲୋକପ୍ରିୟ। ଯଶଙ୍କର ପ୍ରକୃତ ନାମ କ'ଣ ଜାଣନ୍ତି ? ନବୀନ କୁମାର ଗୌଡା। ହେଲେ ଯେତେବେଳେ ସେ ବଡ ପରଦାରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ପରିବର୍ତ୍ତନ କରି ଯଶ ରଖିଥିଲେ।


ଯଶ

# ଅପେକ୍ଷାରେ ଦୀପିକା


ଦୀପିକା

ଦୀପିକା ପାଦୁକୋନ୍ ବେଶ୍ ଉତ୍ସୁକତାର ସହ ୨୦୨୪କୁ ଅପେକ୍ଷା କରିଛନ୍ତି। ଅପେକ୍ଷାର ସମୟ ଲମ୍ବା ହେଲେ ବି ଦୀପିକା ଧୈର୍ଯ୍ୟର ସହ ଅପେକ୍ଷା କରିବେ ବୋଲି ବି କହି ବୁଲୁଛନ୍ତି। କଥା କ'ଣ କି ୨୦୨୪ ଜାନୁୟାରୀ ୨୫ରେ ତାଙ୍କ ଅଭିନୀତ 'ଫାଇଟର୍' ପରଦା ଉପରକୁ ଆସିବ। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ହୃତିକ ରୋଶନ। ପୁଣି ଏପରି ସଂଯୋଗ ଯେ ଦୁହେଁ ଏଥିରେ ଏୟାରଫୋର୍ସ ପାଇଲଟ୍ ଭୂମିକାରେ ଅଭିନୟ କରୁଛନ୍ତି। ସେପଟେ ଏଥିରେ ଅନୀଲ କପୁରଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ପ୍ରଥମ ଥର ପାଇଁ ଏହାର ନିର୍ଦ୍ଦେଶନା ଦେଇଥିବା ସିଦ୍ଧାର୍ଥ ଆନନ୍ଦ ଏହି ଫିଲ୍ମଟିର ପ୍ରଯୋଜନା ମଧ୍ୟ କରିଛନ୍ତି। ଭାରତୀୟ ବାୟୁ ସେନାର ବୀରତ୍ୱ ଗାଥାକୁ ନେଇ ଉକ୍ତ ସିନେମାଟିକୁ ନିର୍ମାଣ କରାଯାଇଛି। ହୃତିକ୍ ମଧ୍ୟ ଫିଲ୍ମଟି ପାଇଁ ବେଶ୍ ଉତ୍ସୁକ ଅଛନ୍ତି। ଆଉ ଏଭଳି ଏକ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାରୁ ବେଶ୍ ଖୁସି ଅଛନ୍ତି। ତା'ସହ ଫିଲ୍ମଟି ରିଲିଜ୍ ହେବାର ଦିନ ବି ଗଣୁଛନ୍ତି।


ରକୁଲ୍

# ଯାହାକୁ ଡରୁଥିଲେ ରକୁଲ..

ଯେଉଁ କଥାକୁ ସେ ଡରୁଥିଲେ ଶେଷରେ ସେପରି ଏକ ଅଫର ମିଳିଛି। କଥା କ'ଣ କି ନିକଟରେ ଏହି ଅଭିନେତ୍ରୀ ଏକ ଆକ୍ସନଭିତ୍ତିକ ସିନେମା ସାଇନ୍ କରିଛନ୍ତି। କାହାଣୀ ଶୁଣିବା ପରେ ସିନା ସେ ରାଜି ହୋଇଗଲେ, ହେଲେ ଏବେ ସେଭଳି ରୋଲ୍‌କୁ କିପରି ନେଇ ଆଣି ଥୋଇବେ ସେଥିଲାଗି ଚିନ୍ତାରେ ପଡିଯାଇଛନ୍ତି। ସେ ହେଲେ ରକୁଲ୍ ପ୍ରୀତ ସିଂ। ଏ ନେଇ ସେ କହନ୍ତି, 'ଏହି ଫିଲ୍ମରେ ମୋତେ ଆକ୍ସନ ରୋଲ୍ ମିଳିଛି। ଜଣେ ଯୁବତୀ ନିଜ ପରିବାରକୁ ନ୍ୟାୟ ଦେବାକୁ କିପରି ସାହସର ସହ ଆଗଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ତେଣୁ ଏପରି ଭୂମିକା କିପରି ତୁଲାଇବି ସେ ନେଇ ଚିନ୍ତାରେ ପଡିଛି। କିଛି ଦିନ ଆକ୍ସନ ପାଇଁ ଟ୍ରେନିଂ ନେବି ବୋଲି ମନସ୍ଥ କରିଛି।' ତେବେ ଜାଣନ୍ତି କି ଅସଲ ଜୀବନରେ ରକୁଲ୍ କାହାକୁ ଭାରି ଡରନ୍ତି। ତାହା ହେଲା ଅସରପା। ଯଦି ସେ ଅସରପାଟିଏ ଦେଖିଦିଅନ୍ତି ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ଥରେ ତାଙ୍କର ଜଣେ ସାଙ୍ଗଙ୍କର ବାର୍ଥ ଡେ ପାର୍ଟିରେ ରକୁଲ୍ ଏକ ଅସରପାକୁ ଦେଖି ଏପରି ଡରି ଗଲେ ଯେ, ପାର୍ଟିକୁ କିଛି ସମୟ ବନ୍ଦ କରିବାକୁ ପଡିଥିଲା। ଏବେ ରକୁଲ୍‌ଙ୍କ ହାତରେ ଦୁଇଟି ହିନ୍ଦୀ ଏବଂ ତିନୋଟି ତେଲୁଗୁ ସିନେମା ଅଫର ରହିଛି।

# କାହାଣୀ ଭାଇ-ଭଉଣୀର

ଭାଇ-ଭଉଣୀର ସମ୍ପର୍କ ପବିତ୍ର। ସେଇଥିପାଇଁ ରାଖୀ ପୂର୍ଣ୍ଣିମା ଦିନ ନିଜର ସୁରକ୍ଷା ପାଇଁ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ତେବେ ଭାଇ-ଭଉଣୀର ଏକ ସତ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଏମଭି-୭୯ : ସପନ କୁଣ୍ଡୁ'। ମାଲକାନଗିରିର ଏକ ଗାଁର କ୍ରମିକ ନମ୍ବର ହେଉଛି ୭୯। ସେଠାରେ ଘଟିଥିବା ଏକ ଘଟଣାକୁ ନେଇ କାହାଣୀ ରଚନା କରାଯାଇଛି। ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଯୁବ ପ୍ରଯୋଜକ ଏ.କେ. ଦ୍ୱିବେଦୀ। ବେଶ୍ କମ୍ ବୟସ ଅର୍ଥାତ୍, ମାତ୍ର ୨୫ ବର୍ଷ ବୟସରେ ସେ ଓଡିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରେ ଭାଇ ଭୂମିକାରେ ବିଶ୍ୱରୂପ ଅଭିନୟ କରିବେ ଏବଂ ସେ ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଜିତେନ୍ଦ୍ର ବରାଳ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସରୋଜକାନ୍ତ। ସୂଚନାଯୋଗ୍ୟ ବିଶ୍ୱରୂପଙ୍କ ପ୍ରଥମ ଓଡ଼ିଆ ସିନେମାର ନିର୍ଦ୍ଦେଶନା ମଧ୍ୟ ସରୋଜକାନ୍ତ ଦେଇଥିଲେ। ଏହାବ୍ୟତୀତ ତାଙ୍କ ଅଭିନୀତ 'ଜୟୀ ରାଜଗୁରୁ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି।


ବିଶ୍ୱରୂପ


ପ୍ରିୟଙ୍କା

# ଟେନସନ୍‌ରେ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରାଙ୍କ ଟେନସନ ଏବେ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି ? ତାଙ୍କୁ ନିକଟରେ ଦୁଇଟି ହଲିଉଡ୍ ଏବଂ ଗୋଟିଏ ବଲିଉଡ୍ ଅଫର ମିଳିଛି। ଏପଟେ 'ଜି ଲେ ଜରା' ନିର୍ମାଣାଧୀନ ଅବସ୍ଥାରେ ରହିଛି। ସେପଟେ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ମନ ବଳାଇଛନ୍ତି ସେ। ଏତେ ଗୁଡାଏ କଥାକୁ ସାଙ୍ଗରେ ନେଇ ଆଗେଇବା ତ ସହଜ ନୁହେଁ। ତେଣୁ ସେ ଦୋଛକିରେ ପଡିଯାଇଛନ୍ତି। ଏ ନେଇ ପ୍ରିୟଙ୍କା କହନ୍ତି, ଯେତେବେଳେ ମୋତେ ଏସବୁ ଅଫର ମିଳିଲା ହଁ ଭରିଦେଲି। ଏବେ ସେଗୁଡିକରେ ଯେଉଁ ଭୂମିକା ମିଳିଛି ସେଥିଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛି। ହେଲେ ଗୋଟିଏ କଥା, ଏଗୁଡିକର ଶୁଟିଂ ପଛକୁ ପଛ ହେବ। ତେଣୁ ଡେଟ୍‌କୁ ନେଇ କିଛି ସମସ୍ୟା ଉପୁଜିବ ନାହିଁ। କେବଳ ମୋତେ ରେଷ୍ଟ ନେବାକୁ ସମୟ ମିଳିବ ନାହିଁ। ଏବେ ତ ଓଟିଟି ପ୍ଲାଟଫର୍ମରେ ୱେବ୍ ସିରିଜର ଚାହିଦା କାହିଁରେ କେତେ। ତେଣୁ ଯଦି ଭବିଷ୍ୟତରେ ଏଭଳି କିଛି ଅଫର ମିଳେ ତେବେ ମନା କରିବି ନାହିଁ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'। ପରବର୍ତ୍ତି ସମୟରେ ସେ ନିଜକୁ ଜଣେ ଆଗଧାଡିର ନାୟିକା ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ।

# ଅଲଣା ପ୍ରେମରେ ବୁଡିଛି ମନ, ଜଣା ପଡୁ ନାହିଁ ରାତି କି ଦିନ

**ପ୍ରଶ୍ନ**-ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ତା' ମନର କଥା ମୁଁ କେମିତି ଜାଣିବି ?

*-ସମର ସାହୁ, ବ୍ରହ୍ମପୁର*

**ଉତ୍ତର:** ଜଣେ ଝିଅର ମନ ଭିତରେ କ'ଣ ରହିଛି ତାହା ଜାଣିବା ଏତେ ସହଜ କଥା ନୁହେଁ। ହେଲେ ପ୍ରେମର ପହିଲି ପରଶରେ ତା'ର ଭାବଭଙ୍ଗୀ, ଚାହାଣୀରୁ ଅନେକ କଥା ଜଣାପଡିଥାଏ। ତାକୁ ଥଣ୍ଡା ମିଜାସରେ ପଢ଼ିବାକୁ ପଡିଥାଏ। ତେଣୁ ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ସହ ନଖରାମି କରୁଛି। ତାକୁ ପ୍ରେମ କରିବା ଠିକ ହେବ କି ?

*-ଦିନେଶ, ବାଲେଶ୍ୱର*

**ଉତ୍ତର:** ପ୍ରେମ ଆଉ ନଖରାମି-ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ତାହାକୁ ହାଲ୍‌କା ଭାବରେ ନେଇଥାଆନ୍ତି। କାରଣ ପ୍ରେମ ଯଦି ଅଲଣା ହୋଇଗଲା ତେବେ ଗଲା। 'ଅଲଣା ପ୍ରେମରେ ବୁଡିଛି ମନ, ଜଣା ପଡେ ନାହିଁ ରାତି କି ଦିନ।' ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*-ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତା'ର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ।

**ପ୍ରଶ୍ନ**-ମୋ ପ୍ରଥମ ପ୍ରେମିକା ମୋତେ ପ୍ରାୟ ବର୍ଷେ ହେଲାଣି ଧୋକା ଦେଇ ଚାଲି ଯାଇଛି। ଏବେ ମୁଁ ପୁଣି ଥରେ ପ୍ରେମର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଚାହୁଁଛି ? କିପରି ଆରମ୍ଭ କରିବି ଜାଣିପାରୁନାହିଁ।

*-ସଞ୍ଜୟ ଦାସ, ଭବାନୀପାଟଣା*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ଆଉ ଏବେ ଆପଣ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ପ୍ରଥମେ ପୁରୁଣା ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। କାରଣ ଯେତେଦିନ ପର୍ଯ୍ୟନ୍ତ ସେକଥା ମନରେ ଆସୁଥିବ ଆପଣ ଆଗକୁ ଆଗେଇ ପାରିବେ ନାହିଁ। ଯଦି ମନ ହୋଇଛି, ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**-ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି ?

*-ଅମନ କୁମାର, ଅନୁଗୋଳ*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !



ସାଥୀ

## ପ୍ରଥମ ରୋଜଗାର



ଆଇନଜୀବୀ **ବିଶ୍ୱ ଭାରତୀ ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

### ଯାହାଙ୍କ ପାଇଁ ଦରମା ପାଇଲି, ତାଙ୍କ ପାଇଁ ଖର୍ଚ୍ଚ କଲି

୧୯୯୬, ଏପ୍ରିଲ ମାସର କଥା। ସେତେବେଳେ ମୁଁ ବାଲେଶ୍ୱର ଲ' କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ତା'ସହିତ କମ୍ପ୍ୟୁଟର କୋର୍ସ ବି କରୁଥାଏ। ଏହି ସମୟରେ ମୋର ଜଣେ ବାନ୍ଧବୀ ଚିନୁ; ଯିଏକି ବାଲେଶ୍ୱରସ୍ଥିତ କ୍ୟାମ୍ବ୍ରିଜ୍ ଇଂଲିଶ ମିଡିୟମ ସ୍କୁଲରେ ଗଣିତ ଶିକ୍ଷୟିତ୍ରୀ ଥିଲା। ତା' ସ୍କୁଲ୍‌ରେ ପୋଷ୍ଟ ଖାଲି ଥିବାରୁ ମୋତେ ବିଜ୍ଞାନ ଶିକ୍ଷୟିତ୍ରୀ ପାଇଁ ଆପ୍ଲାଏ କରିବାକୁ କହିଲା। ସଙ୍କୁଚିତ ହୋଇ କହିଲି "ମୁଁ ତ ବିଏଡ୍ କରିନି, ମୋତେ କ'ଣ ସେମାନେ ସିଲେକ୍ଟ କରିବେ ?" ସେ କହିଲା "ତୁ ପକା, ତୋର ପଢ଼େଇବା ଶୈଳୀ ମୁଁ ଜାଣିଛି, ସେଥିପାଇଁ ତ ତୋତେ କହିଲି ! ନ ହେଲେ ଏତେ ସାଙ୍ଗ ଅଛନ୍ତି, ମୁଁ ସେମାନଙ୍କୁ କହି ନ ଥାନ୍ତି ?" ତା'ର ସେଇ ପଦକ କଥା ମୋ ଭିତରେ ଆତ୍ମବିଶ୍ୱାସ ବଢ଼ାଇଦେଲା। ତେଣୁ ଫର୍ମପୂରଣ କରି ତା' ହାତରେ ପଠେଇ ଦେଲି। ଦୁଇ ଦିନ ପରେ ସ୍କୁଲରେ ପଢ଼େଇବାକୁ ପ୍ରିନ୍ସିପାଲ ଡାକିଲେ। ଗୋଟିଏ ମାତ୍ର ପୋଷ୍ଟ ପାଇଁ ଅନେକ ଜଣ ଆପ୍ଲାଏ କରିଥିଲେ। ମାସକ ଭିତରେ ସିଲେକ୍ସନ୍ ସରିବାର ଥିଲା। ବହୁ କଷ୍ଟରେ ବୋଉଠୁ ଅନୁମତି ନେଇ, ବାପାଙ୍କଠୁ ଲୁଚିକରି ସ୍କୁଲ ଯାଉଥିଲି ଟିଚିଂ ଦେବାକୁ। ଶେଷଦିନ ସ୍କୁଲର ଜୁରି ମେମ୍ବର ସମସ୍ତଙ୍କ ଆଗରେ କହିଲେ ତୁମର ଏ ପୋଷ୍ଟ ପାଇଁ ଯାହା ଯୋଗ୍ୟତା ରହିବା କଥା ତାହା ନାହିଁ। ତଥାପି ତୁମକୁ ଚାନ୍ସ ଦେଇଥିଲୁ। କିନ୍ତୁ ଦୁଃଖର ବିଷୟ ତୁମେ ସବୁଦିନ ଡ୍ରେସ୍ ପିନ୍ଧି ଆସୁଛ, ଯାହା ସ୍କୁଲର ନିୟମ ନୁହେଁ। ତୁମକୁ ଶାଢ଼ି ପିନ୍ଧି ଆସିବାର ଥିଲା। ମୋ ମନଟା ଶୁଖିଗଲା, ହେଲେ ସତଟାକୁ ତ ମାନିବାକୁ ପଡ଼ିବ, ସେଥିପାଇଁ ଦୁଃଖରେ ବି ହସୁଥାଏ। ସେମାନେ ଜାଣିପାରିଲେ ବୋଧହୁଏ, ସଙ୍ଗେ ସଙ୍ଗେ ଚେୟାରମ୍ୟାନ ସାର୍ କହିଲେ "ମ୍ୟାଡାମ, ଆମ ସ୍କୁଲରେ ଭିନ୍ନ ଏକ ନିୟମ ଅଛି। ଏଇ ସ୍କୁଲକୁ ଯିଏ ବି ଟିଚିଂ ଦେବାପାଇଁ ଆସନ୍ତି, ତାଙ୍କୁ ବୋର୍ଡ ନୁହେଁ, ସ୍କୁଲର ପିଲାମାନେ ହିଁ ସିଲେକ୍ଟ କରନ୍ତି। ଏହି ପୋଷ୍ଟ ପାଇଁ ଆପ୍ଲାଏ କରିଥିବା ୨୧ ଜଣଙ୍କ ଭିତରୁ କେବଳ ଆପଣଙ୍କ ନାମ ହିଁ ସର୍ବାଧିକ ସିଲେକ୍ସନ ହୋଇଛି। ତିନିମାସ ଅଧା ଦରମା ଓ ତା'ପରେ ଆପଣ ପ୍ରତି ମାସରେ ପୂରା ଦରମା ନେଇପାରିବେ। ଆଉ ଆପଣଙ୍କୁ ସାତ ଦିନର ଅବଧି ଭିତରେ ଶାଢ଼ି ପିନ୍ଧିକି ହିଁ ଆସିବାକୁ ହେବ। ଏକଥାରେ ରାଜି ତ ?" (ହସିଦେଲେ ସମସ୍ତେ) ବାହାରକୁ ଆସି ଚିନୁକୁ ଧନ୍ୟବାଦ ଦେଲି ପ୍ରଥମେ, ଚାକିରି ପାଇଁ ନୁହଁ, ମୋ ଭିତରେ ଥିବା ପାରିବା ପଣିଆକୁ ସିଏ ବିଶ୍ୱାସ କରିଥିବାରୁ। ଚତୁର୍ଥ ମାସର ଦରମା ସାଙ୍ଗକୁ ତିନିମାସର ଅଧା ଦରମା ମିଶି ଏତେଗୁଡ଼ିକ ଟଙ୍କା ନିଜ ହାତରେ ଧରିବା ଗୋଟେ ଅଭୁଲା ଆନନ୍ଦ ଥିଲା ମୋ ପାଇଁ ! ସେ ଅନୁଭୂତି ଏ ପର୍ଯ୍ୟନ୍ତ ବି ତାଜା ଅଛି ମୋ ଭିତରେ। ଟଙ୍କାଟିକୁ ପର୍ସରେ ପୂରାଇ ଆସିଲାବେଳେ ବାଟରେ ଆଦ୍ୟାଶକ୍ତି ମନ୍ଦିର ପଡ଼େ, ମା'ଙ୍କ ହୁଣ୍ଡିରେ କିଛି ଟଙ୍କା ପ୍ରଥମେ ଦେଲି। ତା'ପରେ ଚିନୁ ପାଇଁ କଲମଟେ କିଣିଲି। ଆଉ ଯେଉଁମାନଙ୍କ ପାଇଁ ମୁଁ ସିଲେକ୍‌ଶନ ହୋଇଥିଲି, ସେମାନଙ୍କ ପାଇଁ ବଡ଼ ଚକୋଲେଟ୍ ପ୍ୟାକେଟ୍‌ଟେ କିଣିଲି। ତା'ସହିତ ଘରପାଇଁ ମିଠା ମଧ୍ୟ ଆଣିଲି। ଘରକୁ ଆସି ବୋଉକୁ ସବୁକଥା କହିଲି। ବାପାଙ୍କୁ ଜଣାଇବାରୁ ସେ କହିଲେ "ମା'ରେ ତୋ ଉପରେ ମୋର ଖୁବ୍ ଭରସା ଅଛି। ସବୁବେଳେ ମନୋବଳ ରଖିବୁ ମୁଁ ପାରିବି, ଦେଖିବୁ ଆପେ ସବୁ ରାସ୍ତା ତୋ ପାଇଁ ଫିଟିଯିବ।" ବାପାଙ୍କର ସେହି କଥା ଆଜିଯାଏ ବି ମୋତେ ପ୍ରେରଣା ଦିଏ। ୟା' ଭିତରେ ସମୟ ଅନେକ ବିତିଗଲାଣି। ବୈବାହିକ ଜୀବନର ଦାୟିତ୍ୱ ବୁଝିବା ସହ ଜଣେ ଆଇନଜୀବୀ ହିସାବରେ ନିଜ କର୍ତ୍ତବ୍ୟ ସୁଚାରୁରୂପେ ପ୍ରତିପାଦନ କରିଚାଲିଛି। ତା'ସହିତ ଗୋଟିଏ ଛୋଟ ଚାଟଶାଳୀଟିଏ ଗଢି ସେଠାରେ ପିଲାଙ୍କୁ ଆବାକସ୍, ବୈଦିକ ଗଣିତ, ହସ୍ତାକ୍ଷର ଓ ଓଡ଼ିଆ ଶିକ୍ଷାଦାନ ଦେଉଛି। ଆଖପାଖର ଅନେକ ପିଲାଙ୍କୁ ସମୟ ସମୟରେ ବିନା ଖର୍ଚ୍ଚରେ ପଢ଼େଇବାର ନିଆରା ଆନନ୍ଦ ବି ଲଭୁଛି। ରୋଜଗାର ତ ଜାରି ରହିବ ସାରା ଜୀବନ, କିନ୍ତୁ ମାନସିକ ଶାନ୍ତିଟିଏ ଖୁବ୍ ଜରୁରୀ ହୋଇପଡ଼େ ବେଳେବେଳେ। ମୋ ମତରେ ହୁଏତ ସେଇଟା ହେଉଛି ରୋଜଗାରର ଅପରପାର୍ଶ୍ୱ।

# ରଙ୍ଗିନ ଆବିଷ୍କାର








**କଳାପାଣି, କଲର୍‌ଲେସ୍ କଫି, ରଙ୍ଗିନ କ୍ରିସ୍‌ମସ୍ ଟ୍ରି । ଏସବୁ ଅବାସ୍ତବ ପରିକଳ୍ପନା ପରି ଲାଗିପାରେ। ହେଲେ ଏସବୁ ପ୍ରକୃତରେ ମଣିଷକୃତ ଗୋଟେ ଗୋଟେ ଅଜବ ଜିନିଷ...**

**ବ୍ଲାକ ୱାଟର୍:** ଆମେ ସମସ୍ତେ ଜାଣୁ ପାଣି ରଙ୍ଗହୀନ, ସ୍ୱାଦହୀନ ବୋଲି। କିନ୍ତୁ ଆମେ ଏଠାରେ ଯେଉଁ ପାଣି କଥା କହୁଛୁ ତା'ର ରଙ୍ଗ କଳା। ଆଉ ଏହି ପାଣିର ଚାହିଦା ଏବେ ହଲିଉଡ୍, ବଲିଉଡ୍‌ର ବଡ଼ ବଡ଼ ସେଲିବ୍ରିଟିଙ୍କର ପ୍ରଥମ ପସନ୍ଦ। କାରଣ ଏଥିରେ ୭୦ରୁ ଅଧିକ ପ୍ରାକୃତିକ ଖଣିଜ ଲବଣ ଥିବା ଦାବି କରାଯାଏ। ତା'ସହ ଏହାର ପିଏଚ୍ ଭାଲ୍ୟୁ ସାଧାରଣ ପାଣିଠାରୁ ଅଧିକ। ତେଣୁ ଏହା କମ୍ ଏସିଡିକ୍ ହୋଇଥାଏ। ଏହି ବ୍ଲାକ୍ ୱାଟରର ସ୍ୱାଦ ସାଧାରଣ ପାଣି ପରି ହୋଇଥିଲେ ହେଁ ଏହା ଆଲ୍କାଲାଇନ୍ ୱାଟର୍ ଅଟେ। ଏଥିରେ ଫ୍ଲୁଭିକ ଏସିଡ ବି ଥାଏ, ଯାହା ପାଚନ କ୍ଷମତାକୁ ସୁଧାରେ। ଫ୍ଲୁଭିକ ଏସିଡ ପାଣି ସହ ରାସାୟନିକ ପ୍ରତିକ୍ରିୟା କଲେ ପାଣି କଳା ହୋଇଥାଏ, ଯାହା ଏହି ପାଣିର ମୁଖ୍ୟ ଆକର୍ଷଣ। ଏହି ପାଣିରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ ଓ ଏହା ଇମ୍ୟୁନିଟି ବି ବଢାଏ। ତା'ସହ ଏହାର ଆଣ୍ଟି ଏଜିଂ ତତ୍ୱ ଏହାକୁ ସେଲିବ୍ରିଟିଙ୍କର ପ୍ରଥମ ପସନ୍ଦ କରାଇଛି।




**ଟ୍ରାନ୍ସପରେଣ୍ଟ କଫି:** ରଙ୍ଗହୀନ ପାଣି କଳାରଙ୍ଗର ହେବାଭଳି ଏବେ ଆମେ ଯେଉଁ କଫି କଥା କହୁଛୁ ତାହା ତା'ର ପାରମ୍ପରିକ ରଙ୍ଗର ନ ହୋଇ ବରଂ ଟ୍ରାନ୍ସପରେଣ୍ଟ ଅଟେ। ଅର୍ଥାତ୍ ଏହି କଫି ପାଣିପରି ସମ୍ପୂର୍ଣ୍ଣ ରଙ୍ଗହୀନ। ହେଲେ ସ୍ୱାଦ ଏହାର କୋଲ୍ଡ କଫି ପରି। ଏହି କଫିକୁ ତିଆରି କରିଛନ୍ତି ସ୍ଲୋଭାକିଆର ଦୁଇ ଭାଇ ଡେଭିଡ ଓ ଆଦାମ ନେଗି। ଏମାନେ ହାଇ କ୍ୱାଲିଟି ଆରବିକା କଫି ବିନ୍‌ସକୁ ଏକ ସିକ୍ରେଟ୍ ପଦ୍ଧତି ଦ୍ୱାରା ଏହି ଟ୍ରାନ୍ସପରେଣ୍ଟ କଫିରେ ପରିଣତ କରିଛନ୍ତି। ଏହି କଫି ପିଇଲେ ଦାନ୍ତରେ ଦାଗ ହୁଏନି କି କପଡାରେ ପଡିଲେ ଦାଗ ବି ଲାଗେନି। ଏକ ଛୋଟ ବୋତଲରେ ପ୍ୟାକେଜ୍ ହୋଇ 'ସିଏଲଆର୍ ସିଏଫ୍‌ଏଫ୍' ନାମରେ ବିକ୍ରି ହୋଇଥାଏ ଏହି କଫି ।



**ରଙ୍ଗିନ କ୍ରିସ୍‌ମସ୍ ଟ୍ରି:** କ୍ରିସ୍‌ମସ୍ ଆସିଲେ ସବୁଜ ରଙ୍ଗର କ୍ରିସ୍‌ମସ୍ ଟ୍ରି ତ ସମସ୍ତେ କିଣି ନିଅନ୍ତି। ଆଉ ତାକୁ ନିଜ ପସନ୍ଦରେ ସଜାନ୍ତି। ତେବେ ଯଦି ଏଥର କ୍ରିସ୍‌ମସ୍‌ରେ ଭିନ୍ନ କିଛି ଟ୍ରାଏ କରିବାକୁ ଚାହାନ୍ତି ତେବେ ଏଇ ରଙ୍ଗିନ କ୍ରିସ୍‌ମସ୍ ଟ୍ରି ଆଣିପାରିବେ। ନ୍ୟୁଜର୍ସି, ବେଲ୍‌ଭିଡିୟରସ୍ଥ ୱିକଅଫ୍ କ୍ରିସ୍‌ମସ୍ ଟ୍ରି ଫାର୍ମରେ ଏହି ରଙ୍ଗିନ କ୍ରିସ୍‌ମସ୍ ଟ୍ରି ଉପଲବ୍ଧ। ଏଠାରେ ବାଇଗଣି, ଗୋଲାପୀ, ହାଲ୍କା ନୀଳ, ଇଲେକ୍ଟ୍ରିକ୍ ବ୍ଲୁ, ସିଲ୍‌ଭର୍ ରଙ୍ଗରେ ମିଳିଯିବ ଆକର୍ଷକ କ୍ରିସ୍‌ମସ୍ ଟ୍ରି। ଭାବୁଥିବେ ଏହି ଗଛ ନକଲି। କିନ୍ତୁ ତାହା ନୁହେଁ। ଗଛ ଅସଲି କିନ୍ତୁ ଏଥିରେ ଲାଟେକ୍ସ ଯୁକ୍ତ ପେଣ୍ଟ, ଯାହାକି ଫାୟାର୍ ପ୍ରୁଫ୍ ବ୍ୟବହାର କରାଯାଇଛି।

**ନିଓନ୍ କଲର୍ ନୁଡଲ୍:** ଫୁଡ ରାଇଟର୍ ତଥା ଫୁଡ ସାଇଣ୍ଟିଷ୍ଟ ଜାପାନର କୁରାରେ ପ୍ରସ୍ତୁତ କରିଛନ୍ତି ନିଓନ କଲର୍ ନୁଡଲ୍। ସେ ଏହାକୁ ବ୍ୟବହାର କରି ଯେଉଁ ରେସିପି ପ୍ରସ୍ତୁତ କରିଛନ୍ତି ସେଥିରେ ଆମେ ନିଓନ ପିଙ୍କ ଓ ଗ୍ରୀନ କଲର୍ ନୁଡଲ୍‌କୁ ନିଓନ୍ ଗ୍ରୀନ୍ ବ୍ରୋଥ୍‌ରେ ଭାସୁଥିବା ଦେଖିପାରିବା। ତା'ଉପରେ ଦୁଇଟି ଆୟତାକାର ନୀଳରଙ୍ଗର ଟୋଫୁ ସଜା ହୋଇ ରଖାଯାଇଥାଏ। କୁରାରେ ଏହାକୁ ତିଆରି କରିବା ପାଇଁ ଫ୍ଲୁରୋସେନ୍ସ କେମିକାଲ ଯେମିତିକି କ୍ୟୁ କୋକିନ୍ ଓ ରିବୋଫ୍ଲାଭିନ୍ ଆଦିକୁ କଲର୍ ପାଇଁ ବ୍ୟବହାର କରିଛନ୍ତି। ଏହି ପଦ୍ଧତିକୁ ସେ ଅନ୍ୟ କିଛି ଖାଦ୍ୟ ଯେମିତିକି କ୍ରିମ୍, କରି, ଜାପାନୀ ସେକ୍ ଆଦିରେ ବ୍ୟବହାର କରି ଏହିସବୁ ଖାଦ୍ୟକୁ ବି ନିଓନ ରଙ୍ଗରେ ରଙ୍ଗାଇବାରେ ସଫଳ ହୋଇଛନ୍ତି।

**ମଲ୍ଟି କଲର୍‌ଡ ଆଣ୍ଟ:** ୨୦୧୧ରେ ଭାରତୀୟ ବୈଜ୍ଞାନିକ ଡ. ମହମ୍ମଦ ବାବୁ ଟେକ୍ନି କଲର୍ ଆଣ୍ଟ (ପିମ୍ପୁଡି)ତିଆରି କରିଥିଲେ। ଏଥିପାଇଁ ସେ ଟ୍ରାନ୍ସପରେଣ୍ଟ ପେଟ ଥିବା ପିମ୍ପୁଡି ବ୍ୟବହାର କରିଥିଲେ। ଆଉ ଏହି ପିମ୍ପୁଡିଗୁଡିକୁ ସେ ରଙ୍ଗିନ ଚିନି ପାଣି ଖାଇବାକୁ ଦେଇଥିଲେ। ଆଉ ଖାଇ ସାରିବା ପରେ ଦେଖାଗଲା ପିମ୍ପୁଡିଗୁଡିକ ଯେଉଁରଙ୍ଗର ଚିନି ପାଣି ପିଇଥିଲେ ସେହି ରଙ୍ଗର ପେଟ ହେଇଯାଇଥିଲା। ଆଉ ସେମାନେ ବେଶ୍ ସୁନ୍ଦର ଦେଖାଯାଉଥିଲେ।





**ପ୍ରାକୃତିକ ପିଙ୍କ ଚକୋଲେଟ୍:** ଚକୋଲେଟ୍ ତିନୋଟି ଭେରାଇଟିରେ ଉପଲବ୍ଧ ହୋଇଥାଏ। ସେ ହେଉଛି ଡାର୍କ,ମିଲ୍କ ଓ ହ୍ୱାଇଟ୍। ଏବେ ରୁବି ପିଙ୍କରେ ବି ଉପଲବ୍ଧ ହେବ। ପୃଥିବୀର ସବୁଠାରୁ ବଡ଼ କୋକୋଆ ପ୍ରୋସେସର୍ ଜୁରିଚ୍‌ର ବେରିକାଲେବଟ୍ ୧୩ ବର୍ଷ ପ୍ରୟାସ କରି ରୁବି କୋକୋଆ ବିନରୁ ପ୍ରାକୃତିକ ପିଙ୍କ ଚକୋଲେଟ୍ ପ୍ରସ୍ତୁତ କରିଛି। ଏହି କୋକୋଆ ବିନ୍ସ ଇକ୍ୱେଡର, ବ୍ରାଜିଲ୍ ଏବଂ ଆଇଭରି କୋଷ୍ଟରେ ଉତ୍ପାଦିତ ହୋଇଥାଏ। ଏହି ସ୍ୱିସ୍ କମ୍ପାନୀ ପ୍ରଥମ କରି ଏହାକୁ ପିଙ୍କ ଚକୋଲେଟ୍‌ରେ ରୂପାନ୍ତର କରିଛନ୍ତି। ୨୦୧୭ରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଏହି ଚକୋଲେଟ୍‌ର ସ୍ୱାଦ ମିଠା ହେବା ସହ ସାମାନ୍ୟ ଖଟା ବି ଲାଗେ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଖୁସବୁ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଅଖିଳ ରଞ୍ଜନ

## ହାଃ ହାଃ

### ଫିଜିକ୍ସ

ପପୁର ଫିଜିକ୍ସ ପରୀକ୍ଷା ଦିନ ପ୍ରଶ୍ନ ପଡ଼ିଥାଏ: କେଉଁ ତରଳ ପଦାର୍ଥ ଗରମ ହେଲେ କଠିନ ପଦାର୍ଥରେ ରୂପାନ୍ତର ହୋଇଯାଏ ?

ପପୁ ଅନେକ ଭାବିବା ପରେ ଉତ୍ତର ଲେଖିଲା: ପକୁଡ଼ି ଛାଣିବା ପାଇଁ ଗୋଳା ଯାଇଥିବା ବେସନ।

### ବମ୍ବେ ମେଲ୍

ମୋହନ ଓ ତା' ସ୍ତ୍ରୀ ଷ୍ଟେଶନ୍‌ରେ ଠିଆ ହୋଇ ଟ୍ରେନ୍‌କୁ ଅପେକ୍ଷା କରିଥାନ୍ତି। କିଛି ସମୟ ପରେ 'ବମ୍ବେ ମେଲ୍' ଆସିଲା। ମୋହନ ଦୌଡ଼ି ଦୌଡ଼ି ସେଥିରେ ଚଢ଼ିଗଲା। ଆଉ ସ୍ତ୍ରୀକୁ କହିଲା: ତମେ ଅପେକ୍ଷା କରି ଠିଆ ହୋଇଥାଅ। 'ବମ୍ବେ ଫିମେଲ୍' ଆସିଲେ ସେଥିରେ ବସିକି ଆସିବ।

### ଜେଡ୍ ପ୍ଲସ୍

ବାନାମ୍ବର ବାବୁ ନିର୍ବାଚନ ଲଢୁଥାନ୍ତି। ହେଲେ ତାଙ୍କୁ ମାତ୍ର ୩ଟି ଭୋଟ୍ ମିଳିଲା। ଏହା ଦେଖି ବାନାମ୍ବର ବାବୁ ପୋଲିସ୍ ଷ୍ଟେସନ୍‌କୁ ଯାଇ ପୋଲିସ୍‌ଙ୍କୁ: ସାର୍, ମତେ ଜେଡ୍ ପ୍ଲସ୍ ସୁରକ୍ଷା ଦିଅନ୍ତୁ।

ପୋଲିସ୍: କାହିଁକି ?

ବାନାମ୍ବର ବାବୁ: ମାତ୍ର ୩ ଜଣଙ୍କୁ ଛାଡି ଦେଲେ ଏ ସହରରେ ସମସ୍ତେ ମୋର ଶତ୍ରୁ। ଏମିତିରେ ମୋର ଜେଡ୍ ପ୍ଲସ୍ ସୁରକ୍ଷା ନିହାତି ଆବଶ୍ୟକ।

# ଦେବତାଙ୍କ ଦ୍ୱୀପ ବାଲି ଦ୍ୱୀପ

**ଦ୍ୱୀପର ଦେଶ ଭାବେ ପରିଚିତ ଇଣ୍ଡୋନେସିଆର ଏକ ପ୍ରସିଦ୍ଧ ଦ୍ୱୀପ ହେଉଛି ବାଲି। ସମୁଦ୍ରତଟର ଆକର୍ଷଣ ସାଙ୍ଗକୁ ପର୍ଯ୍ୟଟକ ଏଠାରେ ଅନେକ ମନ୍ଦିର, ଗୁମ୍ଫା, ଝରଣା, ସଂଗ୍ରହାଳୟ ଆଦି ଦେଖିବାର ସୁଯୋଗ ପାଇପାରିବେ। ତା'ସହିତ ବହୁ ଦୁଃସାହସିକ ଜଳକ୍ରୀଡ଼ାର ମଜା ମଧ୍ୟ ନେଇପାରିବେ...**

ସ୍ୱର୍ଗସମ ସୁନ୍ଦର ତଥା ମନମୋହକ ଆକର୍ଷଣ ପାଇଁ ଇଣ୍ଡୋନେସିଆର ଏହି ବାଲିଦ୍ୱୀପରେ ସବୁବେଳେ ପର୍ଯ୍ୟଟକଙ୍କର ଭିଡ଼ ଜମିଥାଏ। ଖାସ୍ କରି ବିଦେଶୀ ପର୍ଯ୍ୟଟକଙ୍କ ତୁଳନାରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏଠାରେ ଢେର୍ ଅଧିକ ରହିଥିବା ଦେଖିବାକୁ ମିଳେ। ଏହା ପଛରେ ଦୁଇଟି କାରଣ ରହିଛି। ଗୋଟିଏ ହେଲା ବାଲି ଦ୍ୱୀପରେ ଦେଖିବାକୁ ମିଳୁଥିବା ହିନ୍ଦୁ ସଂସ୍କୃତି ଓ ପରମ୍ପରାର ଝଲକ୍ ଏବଂ ଅନ୍ୟଟି ହେଲା ଏଠାକାର ମୁଦ୍ରା। ସୂଚନାନୁଯାୟୀ, ବାଲିରେ ପ୍ରଚଳିତ ହେଉଥିବା ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଢେର୍ ଅଧିକ। ତେଣୁ ଭାରତୀୟଙ୍କୁ ଖୁବ୍ କମ୍ ଖର୍ଚ୍ଚରେ ଏଠାରେ ବୁଲିବାକୁ ସୁବିଧା ହୋଇଥାଏ।

### ବାଲି ଦ୍ୱୀପର ଇତିହାସ

ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ସମଗ୍ର ବିଶ୍ୱରେ ବେଶ୍ ସୁନାମ ଅର୍ଜନ କରିପାରିଛି। ଇତିହାସରୁ ଯାହା ଜଣାଯାଏ, କଳିଙ୍ଗରେ ଅନେକ ବଡ଼ ବଡ଼ ବନ୍ଦର ଥିଲା ଏବଂ ବହୁ ପ୍ରକାର ଜାହାଜ ତିଆରି ହେଉଥିଲା। ଆଉ ସେହି ଜାହାଜଗୁଡ଼ିକ ସାହାଯ୍ୟରେ ଉତ୍କଳୀୟମାନେ ସମୁଦ୍ର ପଥରେ ଜାଭା, ସୁମାତ୍ରା, ବାଲି ପ୍ରଭୃତି ଦ୍ୱୀପକୁ ଯାଇ ବାଣିଜ୍ୟ କାରବାର କରୁଥିଲେ। ତେବେ ସବୁ ଦ୍ୱୀପ ଅପେକ୍ଷା ବାଲିଦ୍ୱୀପ ସହ କଳିଙ୍ଗର ସମ୍ପର୍କ ଅତ୍ୟନ୍ତ ବଳିଷ୍ଠ ଥିଲା। ଜାଭା ଓ ବାଲିଦ୍ୱୀପରେ ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଯେ, ସର୍ବପ୍ରଥମେ କଳିଙ୍ଗର ହିନ୍ଦୁମାନେ ସେଠାରେ ବସତି ସ୍ଥାପନ କରିଥିଲେ। କଳିଙ୍ଗର ରାଜପୁତ୍ର ୧୫ରୁ ୨୦ ହଜାର ହିନ୍ଦୁ ପରିବାରକୁ ବାଲି ଓ ଜାଭା ଦ୍ୱୀପରେ ବସବାସ ପାଇଁ ପଠାଇଥିଲେ। ପରବର୍ତ୍ତୀ ସମୟରେ ଭାରତର ଅନ୍ୟାନ୍ୟ ରାଜ୍ୟର ହିନ୍ଦୁମାନେ ବି ଯାଇ ଏଠାରେ ବସତି ସ୍ଥାପନ କରିଥିଲେ। କିଛିବର୍ଷ ପରେ ମୁସ୍‌ଲିମ୍‌ମାନେ ଇଣ୍ଡୋନେସିଆ ଉପରେ ଆକ୍ରମଣ କରିଥିଲେ ହେଁ; ବାଲି ଦ୍ୱୀପ ପର୍ଯ୍ୟନ୍ତ କିନ୍ତୁ ପହଁଞ୍ଚିପାରି ନଥିଲେ। ହେଲେ ଏହି ଆକ୍ରମଣ ପରେ ଜାଭା ଦ୍ୱୀପର ନିବାସୀ ମଧ୍ୟ ଭୟଭିତ ହୋଇ ଆସି ବାଲି ଦ୍ୱୀପରେ ରହିବାକୁ ଲାଗିଲେ। ଏହିପରି ଭାବରେ ବାଲିରେ ହିନ୍ଦୁଧର୍ମ ସୁରକ୍ଷିତ ରହିଲା। ପରବର୍ତ୍ତୀ ସମୟରେ ବାଲିରେ ଡଚ୍‌ମାନଙ୍କର ସତ୍ତା କାୟା ବିସ୍ତାର କରିବାକୁ ଲାଗିଲା। ଏଥିରେ ବାଲିର ରାଜନୀତି ପ୍ରଭାବିତ ହେଲା ସତ କିନ୍ତୁ ଧର୍ମ ଓ ସଂସ୍କୃତି ଉପରେ ଏହାର କୌଣସି ପ୍ରଭାବ ପଡିଲା ନାହିଁ। ବହୁ ସଂଘର୍ଷ ପରେ ଡଚ୍‌ମାନଙ୍କ କବଳରୁ ବାଲି ସ୍ୱାଧୀନତା ପାଇଲା। ତେଣୁ କରି ଆଜି ବି ବାଲିଦ୍ୱୀପରେ ହିନ୍ଦୁଧର୍ମ ଓ ସଂସ୍କୃତିର ସତ୍ତା ଦେଖିବାକୁ ମିଳିଥାଏ।

### କାହିଁକି ଦେବତାଙ୍କ ଦ୍ୱୀପ

ବାଲିରେ ଅନେକ ମନ୍ଦିର ଦେଖିବାକୁ ମିଳିଥାଏ। କୁହାଯାଏ, ଏଠାକାର ପ୍ରତି ବର୍ଗ କି.ମି.ର ପରିଧି ଭିତରେ ଏତେ ସଂଖ୍ୟାର ମନ୍ଦିର ରହିଥାଏ ଯେ, ଯାହା ଅନ୍ୟ କେଉଁଠି ଦେଖିବା ସମ୍ଭବ ନୁହେଁ। ତେଣୁ ବାଲି ଦ୍ୱୀପକୁ ଅନେକେ 'ଦେବତାଙ୍କ ଦ୍ୱୀପ' ବୋଲି ବି ସମ୍ବୋଧନ କରିଥାନ୍ତି। ଖାସ୍‌କରି ଏଠାକାର ସମୁଦ୍ର ନିକଟସ୍ଥ ବିଶାଳ ଚଟାଣ ଉପରେ ତିଆରି ହୋଇଥିବା ତନାହ ଲୋଟ୍ ମନ୍ଦିର ହେଉଛି ବାଲିଦ୍ୱୀପର ସବୁଠୁ ବଡ଼ ଆର୍କଷଣ। ଏହାଛଡ଼ା ବାଲିରେ ଭଗବାନ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଗଣେଶ, କୃଷ୍ଣ, ରାମ ତଥା ମାତା ସରସ୍ୱତୀଙ୍କୁ ସମର୍ପିତ ମନ୍ଦିର ଥିବାର ମଧ୍ୟ ସୂଚନା ରହିଛି। ଆଉ ଏହିସବୁ ମନ୍ଦିରରେ ହିନ୍ଦୁଧର୍ମ ଉପରେ ଆଧାରିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ବି ପରିବେଷଣ ହେଉଥିବାର ନଜିର ମଧ୍ୟ ରହିଛି।

### ଅନ୍ୟାନ୍ୟ ଆକର୍ଷଣ

ଉଲୱାଟୁ ମନ୍ଦିର, ମାଉଣ୍ଟ ବାଟୁର, ଉବୁଦ୍ ମଙ୍କି ଫରେଷ୍ଟ, ଉବୁଦ୍ ଆର୍ଟ ଆଣ୍ଡ କଲ୍‌ଚର୍, କୁଟା ବିଚ୍ ହେଉଛି ବାଲି ଦ୍ୱୀପ ନିକଟସ୍ଥ ଅନ୍ୟାନ୍ୟ ଆକଷଣୀୟ ପର୍ଯ୍ୟଟନସ୍ଥଳୀ। ତା'ଛଡ଼ା ବାଲି ବାସିନ୍ଦା ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଚିତ୍ରକଳା ଆଦିରେ ଖୁବ୍ ନିପୁଣ। ସେମାନଙ୍କ ହାତ ତିଆରି ସାମୁକାର ଆଭୂଷଣ, ମୂର୍ତ୍ତି, ଚିତ୍ର, ଘରକରଣା ଜିନିଷ, କାଠ ଓ ବାଉଁଶରେ ତିଆରି ବିଭିନ୍ନ ବାଦ୍ୟଯନ୍ତ୍ର, କାଚ, କ୍ଲେ ଏବଂ କ୍ରୁସ୍ କାମରେ ତିଆରି ଅନେକ ସୁନ୍ଦର ସୁନ୍ଦର ଜିନିଷ ଏଠାରେ ବେଶ୍ ସୁଲଭ ଦରରେ ମିଳିଥାଏ। ମନୋରଞ୍ଜନ ପାଇଁ ଏଠାରେ ପର୍ଯ୍ୟଟକଙ୍କୁ ବିଭିନ୍ନ ଜଳକ୍ରୀଡ଼ାର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ଏପ୍ରିଲ୍‌ରୁ ଅକ୍ଟୋବର ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଭଲ ସମୟ। ତା'ଛଡ଼ା ଏଠାକୁ ଯିବାପାଇଁ ଫ୍ଲାଇଟ୍ ହେଉଛି ସବୁଠୁ ଭଲ ମାଧ୍ୟମ। ସୂଚନାନୁଯାୟୀ, ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଫ୍ଲାଇଟ୍ ଇଣ୍ଡୋନେସିଆର ନଗୁରାହ ରାଇ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର ଆଡ଼େ ଯାଇଥାଏ। ପର୍ଯ୍ୟଟକ ସେଥିରେ ଯାଇ ଉକ୍ତ ସ୍ଥାନରେ ପହଁଞ୍ଚିବା ପରେ ସେଠାରୁ ସ୍ଥାନୀୟ ସାଧନର ସାହାଯ୍ୟରେ ଆରାମରେ ଯାଇ ବାଲି ଦ୍ୱୀପରେ ପହଁଞ୍ଚିପାରିବେ।







# କଥା ଶୀତବସ୍ତ୍ରର

**ଧୀରେ ଧୀରେ ଶୀତ ବଢ଼ିବାକୁ ଲାଗିଲାଣି। ସାଇତା ହୋଇ ରହିଥିବା ଶୀତବସ୍ତ୍ରକୁ ବାହାର କରି ସମସ୍ତେ ପିନ୍ଧିବା ଆରମ୍ଭ କଲେଣି। ତା'ଛଡା ଶୀତବସ୍ତ୍ରର ବଜାର ବସିବା ସହ ନୂଆ ଡିଜାଇନ୍‌ର ଶୀତବସ୍ତ୍ର କିଣିବା ଲାଗି ଗହଳି ଜମିବାକୁ ଲାଗିଲାଣି। ହେଲେ ଜାଣନ୍ତିକି ଶୀତ ପ୍ରକୋପରୁ ରକ୍ଷା କରୁଥିବା ଏଇ ଶୀତବସ୍ତ୍ରର ଇତିହାସ କ'ଣ? ବେଶ୍ ରୋଚକ ଏହାର ଇତିହାସ । ଜାଣନ୍ତୁ ସେ ସମ୍ପର୍କରେ..**



**ଋକ୍ ବେଦ୍‌ରେ ରହିଛି ଶୀତବସ୍ତ୍ରର ଉଲ୍ଲେଖ:** ଉଲ୍‌ର ଇତିହାସ ବହୁତ ପ୍ରାଚିନ। ବେଦରେ ଧାର୍ମିକ କର୍ମକାଣ୍ଡ ପାଇଁ ଉଲ ବସ୍ତ୍ର ପରିଧାନର ଉଲ୍ଲେଖ ରହିଥିବା ଦେଖିବାକୁ ମିଳେ। ଯାହା ପ୍ରମାଣିତ କରେ ଯେ ପ୍ରାଗଐତିହାସିକ ଯୁଗରେ ବି ଉଲ ସମ୍ପର୍କରେ ଜାଣିଥିଲେ। ତା'ସହ ଋକବେଦରେ ମେଷପାଳକ ଜାତିର ଦେବତା ପୁଶନ୍ ଉଲ୍ ବୁଣିବା ଓ ଉଲ୍ ପୋଷାକ ପିନ୍ଧିଥିବା କଥା ବି ଉଲ୍ଲେଖ ରହିଛି।

**ଇତିହାସରେ ଉଲ୍:** ବିଶ୍ୱାସ କରାଯାଏ ୯୦୦୦ରୁ ୧୧୦୦୦ ବର୍ଷ ପୂର୍ବେ ଯେତେବେଳେ ପ୍ରଥମେ ଜଙ୍ଗଲ କଟାଯାଇ ବସତି ସ୍ଥାପନ ହେଲା ଏବଂ କ୍ଷୀର ଓ ମାଂସ ପାଇଁ ଛେଳି ମେଣ୍ଢା ପାଳନ କରାଗଲା ସେଇଠାରୁ ମେଣ୍ଢା ଲୋମରୁ ଉଲ ତିଆରି କରିବାର ଯୋଜନା ଆସିଥାଇପାରେ। ତାସହ ଉଲର ବସ୍ତ୍ର ତିଆରି ବି ହେଇଥିବା ବିଶ୍ୱାସ କରାଯାଏ। ମିସର, ବେବିଲୋନର କବରଗୁଡ଼ିକରେ ଉଲ୍ ବସ୍ତ୍ରର ଟୁକୁଡା ଉଦ୍ଧାର କରାଯାଇଛି। ସେହିଭଳି ଖ୍ରୀ.ପୂ. ୫୦୦୦ରେ ସିନ୍ଧୁ ଉପତ୍ୟକାରେ ରହୁଥିବା ଆର୍ଯ୍ୟମାନେ ଉଲ୍‌ର ବ୍ୟବହାର ଜାଣିଥିବା ମଧ୍ୟ ପ୍ରମାଣ ମିଳିଛି।

ତାଛଡା ଇତିହାସରେ ବର୍ଣ୍ଣନା କରାଯାଇଛି ଯେ, ରୋମର ଆକ୍ରମଣ ପୂର୍ବରୁ ବ୍ରିଟେନ୍‌ର ଲୋକେ ଉଲ୍ ବସ୍ତ୍ର ପିନ୍ଧୁଥିଲେ। ପରେ ୱିନଚେଷ୍ଟରରେ ଫ୍ୟାକ୍ଟରୀର ସ୍ଥାପନା ଦ୍ୱାରା ଉଲ୍‌ର ଉପଯୋଗବିଧିର ବିକାଶ ହେଲା। ବିଜେତା ୱିଲିୟମ ଏହାକୁ ଇଂଲଣ୍ଡ ଆଣିଥିଲେ। ହେନେରୀ ଦ୍ୱିତୀୟ ବସ୍ତ୍ରହାଟ, ବୁଣାକାର ସଂଘ ଗଠନ କରି ଏହି ଉଦ୍ୟୋଗକୁ ପ୍ରୋତ୍ସାହିତ କଲେ। ୧୭୮୮ରେ ଆମେରିକାର ହାର୍ଟଫୋର୍ଡରେ ଜଳଶକ୍ତି ଚାଳିତ ଉଲ୍‌ର ଫ୍ୟାକ୍ଟରୀ ଆରମ୍ଭ ହେଲା।

**ଅସଲି ଉଲ୍‌ରେ ନିଆଁ ଲାଗେନି:** ଉଲ୍‌ରେ ଏକପ୍ରକାରର ପ୍ରୋଟିନ୍ ସହ ଜଳୀୟ ଅଂଶ ଥାଏ। ସେଥିପାଇଁ ଉଲ୍ ଅସଲି ହୋଇଥିଲେ ସେଥିରେ କେବେ ନିଆଁ ଧରେନି। ସାଧାରଣତଃ ଉଲ୍ ଧଳା, କଳା ଓ ବାଦାମୀ ରଙ୍ଗର ହୋଇଥାଏ। ଉଲ୍‌ରେ କେରାଟିନ୍ ନାମକ ପ୍ରୋଟିନ୍ ଥାଏ। ଏ ହେଉଛି ସେହି ପ୍ରୋଟିନ୍ ଯେଉଁଥିରୁ ଆମର କେଶ, ନଖ, ଚଢେଇଙ୍କ ପକ୍ଷୀ ଓ ପଶୁଙ୍କର ଶିଙ୍ଗ ହୋଇଥାଏ।

**ଏଇଠି ମିଳେ ସବୁଠୁ ଭଲ ଉଲ୍:** କଶ୍ମୀର, ତିବ୍ବତ ଓ ପାମୀରର ପଠାରରେ ମିଳୁଥିବା ଛେଳିର ଉଲ ସବୁଠାରୁ ଭଲ କିସମର ଉଲ୍ ହୋଇଥାଏ। ଏହାକୁ ପଶ୍ମିନା କୁହାଯାଏ। ଦକ୍ଷିଣ ଆମେରିକାସ୍ଥ ପେରୁର ଇଣ୍ଡିଜ୍ ପାହାଡରେ ଲାମା ପରି ଦେଖାଯାଉଥିବା ଏକ ପ୍ରାଣୀ ଯାହାର ନାଁ 'ଭିକୁନା' ତା'ର ଲୋମରୁ ମଧ୍ୟ ପଶ୍ମିନା ପରି ଭଲ ଉଲ ମିଳିଥାଏ। ଏହି ଉଲ୍‌କୁ ପୃଥିବୀର ସବୁଠାରୁ ମହଙ୍ଗା ଭାବେ ଗଣନା କରାଯାଏ। ମେରିନୋ ପ୍ରଜାତିର ମେଣ୍ଢାର ଉଲ୍‌କୁ ବି ଭଲ ଉଲ୍ ଭାବେ ବିବେଚନା କରାଯାଏ। କୁହାଯାଏ ଗୋଟିଏ ମେରିନୋ ମେଣ୍ଢା ବର୍ଷକୁ ୫,୫୦୦ମାଇଲ ଲମ୍ବା ପର୍ଯ୍ୟନ୍ତ ଉଲ୍ ଦେଇପାରେ।



# ପ୍ରାଣୀଙ୍କ ପରି ଚାଲୁଛନ୍ତି ୫ ଭଉଣୀ ଭାଇ



**ବେ**ଳେ ବେଳେ ଏମିତି ସବୁ ଘଟଣା ଘଟେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନି। ସେମିତି ଏକ ଘଟଣା ତୁର୍କୀରେ ଦେଖିବାକୁ ମିଳେ। ଏଠାକାର ଏକ ପରିବାରର ସବୁ ସଦସ୍ୟ ଚାରିଗୋଡ଼ରେ ଚାଲୁଥିବା କୌଣସି ପ୍ରାଣୀଙ୍କ ପରି ଉଭୟ ଦୁଇ ହାତ ଓ ଦୁଇ ଗୋଡ଼ ସାହାଯ୍ୟରେ ଚାଲନ୍ତି। ଲାଗେ ସତେ ଯେମିତି ହଜାର ହଜାର ବର୍ଷ ତଳେ ଘଟିଥିବା ମାନବ ବିକାଶର ପ୍ରଭାବ ଏମାନଙ୍କ ଉପରେ ପଡି ନାହିଁ। ସେଥିପାଇଁ ତ ତୁର୍କୀର କିଛି ଡାକ୍ତର ପ୍ରଥମେ ପ୍ରଥମେ ଏହି ଘଟଣାକୁ ବ୍ୟାକ୍‌ୱାର୍ଡ ଇଭୋଲ୍ୟୁଶନ୍ ନାମ ଦେଇଥିଲେ। ତୁର୍କୀର ଏକ ଛୋଟ ଗାଁରେ ରହୁଥିବା ରେସିତ୍ ଓ ହୈତିସ୍ ଉଲାସଙ୍କ ପରିବାରର ୫ ଜଣ ଦୀର୍ଘ ବର୍ଷ ଧରି ଏଭଳି ଚାଲୁଛନ୍ତି। କିନ୍ତୁ ଏଇ ଘଟଣା ସାରା ଦୁନିଆର ନଜରଠାରୁ ଦୂରରେ ଥିଲା। ୨୦୦୫ର କଥା ଜଣେ ବ୍ରିଟିଶ ବୈଜ୍ଞାନିକ ତୁର୍କୀର ପ୍ରଫେସର ନିକୋଲସ୍ ହମ୍ଫରିଙ୍କ ଅପ୍ରକାଶିତ ପେପର୍‌କୁ ଯେତେବେଳେ ଦେଖିଲେ ତାଙ୍କ ହୋସ୍ ଉଡିଯାଇଥିଲା। ଏଥିରେ ପ୍ରଫେସର୍ ହମ୍ଫରି, ଉଲାସଙ୍କ ପରିବାର ସମ୍ପର୍କରେ ଲେଖିଥିଲେ। ଯେଉଁଥିରେ ଉଲ୍ଲେଖଥିଲା ଯେ, ଉଭୟ ରେସିତ ଓ ଉଲାସ ସ୍ୱାଭାବିକ ମଣିଷ ଭଳି ଚାଲୁଥିବାବେଳେ ତାଙ୍କର ୫ ଜଣ ସନ୍ତାନ କ୍ୱାଡ୍ରୁପେଡାଲ ଲୋକୋମୋସନ୍‌ର ସାହାରା ନେଇ ଚାଲନ୍ତି। ଅର୍ଥାତ ସେମାନେ କୌଣସି ପ୍ରାଣୀ ପରି ଚାରି ଗୋଡରେ ଚାଲନ୍ତି। ସେମାନେ ଏମିତି ଅବସ୍ଥାରେ ଅନେକ କି.ମି. ପର୍ଯ୍ୟନ୍ତ ଚାଲିପାରନ୍ତି। ଏସବୁ ଜାଣିବା ପରେ ବୈଜ୍ଞାନିକଙ୍କର ଉତ୍ସୁକତା ବଢ଼ିଥିଲା ସେମାନେ ଏଭଳି କ'ଣ ପାଇଁ ଚାଲୁଛନ୍ତି ଜାଣିବା ପାଇଁ। ଅନେକ ଗବେଷଣା ପରେ ସେମାନେ ଜାଣିବାକୁ ପାଇଲେ ଯେ, ଏମାନେ ଜେନେଟିକ ସମସ୍ୟାରେ ଆକ୍ରାନ୍ତ । ଏଇ ଭାଇ ଭଉଣୀଙ୍କର କୋଜେନେଟିଲ ବ୍ରେନ୍ ଇମ୍ପେୟରମେଣ୍ଟ ଏବଂ ସେରିବେଲର୍ ଏଣ୍ଟାକ୍ସିଆ ନାମକ ମସ୍ତିଷ୍କଜନିତ ସମସ୍ୟା ବି ରହିଛି। ସାଧାରଣତଃ ଏହି ସ୍ଥିତିରେ ଦୁଇ ଗୋଡ଼ରେ ସନ୍ତୁଳନ ରକ୍ଷା କରିବା ବହୁତ କଷ୍ଟକର। ସେଥିପାଇଁ ସେମାନେ ଦୁଇ ହାତର ସାହାରା ନେଇ ଚାଲନ୍ତି। ତେବେ ଏମାନଙ୍କର ଏଭଳି ସ୍ଥିତିକୁ ଦେଖି ଗାଁ ଲୋକେ ତାଙ୍କୁ ଅନେକ କଥା କହିଛନ୍ତି। ଏମିତିକି ସେମାନଙ୍କୁ ପଥର ମାରିବା ସହ ଗାଳି ଗୁଲଜ ବି କରିଛନ୍ତି। ଫଳରେ ଏହି ପାଞ୍ଚ ଭଉଣୀ ଭାଇ ସ୍କୁଲ ବି ଯାଇପାରିଲେ ନାହିଁ। ତଥାପି ସେମାନେ ହାରି ନ ଯାଇ ସଂଘର୍ଷ କରି ଚାଲିଛନ୍ତି।





## କଥା ଚାଟ୍

**ଶ୍ରୀମାନ୍ ସର୍ବଗିଳା**

# ଠିଆ ଖିଆ

ଗିରିଆ, ଶିରିଆ ଏକା ଗାଁର ଦୁଇସାଙ୍ଗ ହେଲେବି ଶିରିଆ ସହରରେ ରହି ସରକାରୀ ଅଫିସର ହେବାଦିନରୁ ଶ୍ରୀଧର ବାବୁ ସମ୍ବୋଧିତ ହେଲେ । ମାତ୍ର ଗିରିଆ ଗାଁରେ ରହି ଚାଷବାସ କଲାରୁ ଗିରିଧାରୀ ଡାକ ଶୁଣିବା ସମ୍ଭବ ହେଲାନାହିଁ । ଶ୍ରୀଧର ବାବୁ ଯେବେ ଗାଁକୁ ଆସୁଥିଲେ ଗିରିଆ ଘରେ ଏକାଠି ଖାଇବା, ଶୋଇବାଠାରୁ ଗାଁ ନଇରେ ନିତ୍ୟକର୍ମକରି ଫେରୁଥିଲେ । ଗିରିଆ ସ୍ତ୍ରୀ ରେବତୀ ଭାଉଜ ହାତରୁ ପଖାଳ ସାଥୀରେ ସୁଆଦିଆ ସାଗଭଜା, ମାଛ ବେସର, ବଡିଚୁରା, ଚଟଣୀ ତାଙ୍କୁ ଭାରି ଭଲଲାଗେ । ଦିନେ ଅଚାନକ ଶ୍ରୀଧର ବାବୁ ଗାଡିଧରି ଆସି ଗୋଟାଏ ଦାମୀ ସୁନ୍ଦର ନିମନ୍ତ୍ରଣପତ୍ର ଗିରିଆ ହାତକୁ ବଢେଇ ସପରିବାରେ ତାଙ୍କ ଝିଅ ବାହାଘରକୁ ଯାଇ ଭୋଜିଖାଇ ଆଶୀର୍ବାଦ ଦେବାକୁ ଅନୁରୋଧ କରିଗଲେ । ଏତେଦିନର ଏକାଆତ୍ମାପରି ଏକାଠି ଚଳି, ପଢି ବଢ଼ିଆସିଥିବା ସାଙ୍ଗର ଅନୁରୋଧ ଏଡେଇ ନପାରି ବାହାଘରଦିନ ପିଲାଛୁଆ ଧରି ସକାଳୁ ବାହାରିପଡିଲେ ଗିରିଧାରୀ । ସକାଳେ ଘରେ ଯାହା ପଖାଳ ଖିଆ ହୋଇଥିଲା । ଭୁବନେଶ୍ୱର ବନ୍ଧୁଙ୍କ ବଡ଼କୋଠା ପାଖରେ ଦିନ ତିନିଟାରେ ପହଂଚିଲା ବେଳକୁ ସମସ୍ତଙ୍କୁ ଭାରି ଭୋକ ଲାଗିଲାଣି । ହେଲେ ଇଏ କଣ ? ବାହାଘର, ଅଥଚ ଗେଟରେ ଏଡ଼େବଡ଼ ତାଲା ! ଏଇ ସହରିଆ ତାଲା.. ଗେଟରେ ଯେମିତି ଝୁଲି ଝୁଲି କହୁଥିଲା.. ଆରେ ଗାଉଁଲି, ଗେଟ ଆଉଟ.. ଶୀଘ୍ର ଏଠୁ ପଳା । ବିଚରା ଗିରିଆ ମଡର୍ଣ ଯୁଗରେ ସ୍ମାର୍ଟଫୋନ ନଥିଲେ ବି ନିଜ ବାରଶହ ଟଙ୍କିଆ ଟିପାଫୋନରେ ଶିରିଆ ସାଙ୍ଗେ କଥାହୋଇ ଜାଣିଲେ ସମସ୍ତେ ବାହାଘରପାଇଁ ବୁକିଂ ହୋଟେଲ ମଣ୍ଡପରେ ଅଛନ୍ତି । ବିଚରା ଅଟୋଭଡା ତା ଘରକୁ ତିନିଶହ ତୁଟେଇ ଥିଲେବି ଆଉ ପାଞ୍ଚଶହ ଅଧିକଦେଇ ଚନ୍ଦ୍ରଶେଖରପୁରରୁ ପୁଣି ସହୀଦନଗର ମଣ୍ଡପ ହୋଟେଲକୁ ଗଲେ । ସାଙ୍ଗ ଶ୍ରୀଧର ଓ ପତ୍ନୀ ସୁରମା ଦେବୀ ଧାଇଁଆସି ଶ୍ରଦ୍ଧାରେ ପାଛୋଟିନେଲେ। କହିଲେ.. ଆଗ ଜଳଯୋଗ କାମ ସାରନ୍ତୁ, ପରେ କଥାହେବା । ରେବ ଭାଉଜ ଖାଇଲା ପିଇଲା ଘର ଝିଅ। ଦିନକୁ ଚାରି ବକତ ପଖାଳ, ରୁଟି, ପରଟା, ଚୁଡା, ମୁଢି ଇତ୍ୟାଦି ନଖାଇଲେ ପେଟପୂରେନି । ଭୋକରେ ପିଲାଙ୍କୁ ନେଇ ଧାଇଁଗଲେ ଜଳଯୋଗ ଜାଗାକୁ । ଭାବିଥିଲେ ଖରାବେଳିଆ ଓଜନିଆ ଭୋଜନ ପେଟଭରି ଖାଇବେ । ହେଲେ ଇଏ କଣ ? କଳା, ହଳଦିଆ, ପାଣି କାଗଜ ଗିଲାସରେ ପିଇବାକୁ ଦେଉଛନ୍ତି। ତା ଛଡା ପୋଷେଲେଖା ଚା'କୁ ଟିକି କାଗଜ କପରେ ଯାଉଥିବା ବ୍ୟବସ୍ଥାକୁ ଏଠି ଜଳଯୋଗବୋଲି ଏଡ଼େ ଏଡ଼େ ଅକ୍ଷରରେ ଲେଖାଦେଖି ତାଙ୍କ ହଂସା ଉଡ଼ିଗଲା । ଥଣ୍ଡା ପିଇବାକୁ ରେବ ଭାଉଜଙ୍କୁ ଯମା ଭଲଲାଗେନି । ପାଟି ଝିମିଝିମି ହୋଇଯାଏ.. ବାନ୍ତି ଦେଖାଏ । ଖରାରେ ଦେଢ଼ଶହ କିଲୋମିଟର ଆସି ପେଟଗରମକୁ ଭୋକରେ ନିଆଁ ଜଳୁଛି । ରାଗି ପାଚି ଉଛୁନ୍ନହେଇ ପତିଦେବଙ୍କୁ ଗାରୁ ଗାରୁ ହେଇ କହିଲେ ପିଲାଦିଟା ଓ ତାଙ୍କ ପାଇଁ ଶୀଘ୍ର ହୋଟେଲ ଦେଖ । ସହରିଆ ବାଟଘାଟ ଅଜଣା । ହୋଟେଲ ଉଣ୍ଡାଳି ନପାଇ ବାରଟା ବିସ୍କୁଟ ପ୍ୟାକେଟ ଧରି ପତ୍ନୀକି ଦେବାରୁ ସେ ଗୋଟେ ପ୍ଲାଷ୍ଟିକ ଚେୟାର ଭିଡିଆଣି ବସି ନିଜେ ଛ ପ୍ୟାକେଟ ଚୋବେଇ ବାକି ଦି' ଦି'ପ୍ୟାକେଟ ଦୁଇ ପିଲା ଓ ପତିଙ୍କୁ ଦେଲେ। ତାଙ୍କୁ ଲାଗୁଥିଲା ଏଇ ଖାଇବା ଯେମିତି ହାତୀକି ହୋମିଓପାଥି ପରି। ଆଗରୁ ସହର, ବଡ଼କୋଠା, ଏମିତି ଗେଟସଜା ଦେଖିନଥିବାରୁ ଉପରକୁ ଅନେଇ ସିଏ ବୁଲିବା ଦେଖି ଗିରିଆଭାଇ କହିଲେ ହେଇ, ଏମିତି କଣ ଅନାଉଛ ? ପତ୍ନୀ କହିଲେ ମେତେ କଣ ଓଲି ଭାବୁଛ ନା କଣ ? ତେମେ ବଇଥା । ମୁଁ ଆଇଛି ମାନେ କଣ କୋଉଠି ହଉଛି ଦେଖିବି । ସମସ୍ତଙ୍କ ସାଙ୍ଗେ ଚିହ୍ନା ପରିଚୟ ହେବି । ଆଗ ଗଲେ ଶିରିଆ ଝିଅକୁ ଖୋଜିବାକୁ । ହୋଟେଲ ଭିତରେ ସବୁ ରୁମ ଦରଜା ଖୋଲି ଶେଷକୁ ଗୋଟେଘରେ ସେ ବସିଥିବାର ପାଇଗଲେ । ଝିଅର ସାଙ୍ଗମାନେ ତାକୁ ଘେରିଛନ୍ତି । ଗୋଟେ ପୁଅପିଲା ତାକୁ ସଜକରୁଛି । ଧସେଇପଶି କହିଲା ଆଲୋ ଝିଅ ! ତୁ ଏଇଠି ବସି ସଜହଉଛୁ । ମୁଁ କେତେଆଡ଼େ ଖୋଜିଲାଣି । କେଡେ ସୁନ୍ଦର ସଜହଉଛୁ ତ । ଯିଏ ସଜାଉଛି.. ସିଏ କଣ ତୋ ଭାଇ ? ଝିଅ ସାଙ୍ଗମାନଙ୍କ ସହ ସିଏ ବି ଫେଁ ଫେଁ ହେଇ ହସି କହିଲା.. ନାଇଁ ମାଉସୀ,.. ସେ ଜଣେ ବିଉଟିସିଆନ ।



ପାର୍ଲରରୁ ଆସିଛନ୍ତି । ସଜେଇଲେ ଆଠ ହଜାରେ ଟଙ୍କା ନିଅନ୍ତି । ଆଠହଜାର ଶୁଣି କାଠହେଇ ଆଁ ଟା କରି ଅନେଇଁ ପଳେଇଆସି ଥକ୍କାହେଇ ବସିଗଲେ ।

ଏତେଦିନରେ ସେ ପୂରା ଦେଢ଼ହଜାରେ ଟଙ୍କାରେ ଚକମକିଆ ଶାଢୀ କୁଞ୍ଚକରି ପିନ୍ଧି ଭାବୁଥାନ୍ତି ବୋଧେ ସମସ୍ତଙ୍କଠୁ ଦାମିକିଆ ଶାଢୀ ପିନ୍ଧିଛନ୍ତି । ତାଙ୍କ ପାଖରେ ଜଣେ ଭଦ୍ରମହିଳା ନାଲି ଓଠରେ ଆଖିରେ କଳା ଚଷମା ପିନ୍ଧି ବସିଥିଲେ । ରେବ ଭାଉଜ ତାଙ୍କ ଶାଢ଼ିକି ଅନେଇଁ ପାଖକୁ ଯାଇ ପଚାରିଲେ.. ଆଲୋ ଭଉଣୀ ! ତେମେ ଯୋଉ ଶାଢୀ ପିନ୍ଧିଛ.. କେଇଯେ ଟଙ୍କାରେ କିଣିଛ ସେ ହସକୁ ଚାପି କହିଲେ ବାରହଜାର ପାଞ୍ଚଶହ । ଏତକଶୁଣି ଧାଇଁଆସି ସ୍ୱାମୀକି କହିଲେ.. ଜାଣିଛ ? ସହରିଆ ଭାରି ମିଛୁଆ, ଠକ । ଗିରିଆ ପଚାରିଲେ କେମିତି ? କହିଲେ.. ଦେଖୁନ.. ତମ ଅଗରେ ଯୋଉ ମାଇପିଟା ବସିଛି , କହୁଛି ତା ଶାଢୀ କୁଆଡେ ବାରହଜାରେ ପାଁ ଶହ । ଏତେ ଦାମରେ ଶାଢୀ କୋଉଠି ଥାଏ ? କାହିଁ ମୋ କାନ ଉଠିଲାଦିନୁ ମୁଁ ତ ଶୁଣିନି । ଆଉଗୋଟେ କଥା ଜାଣିଛ ? ତମ ସାଙ୍ଗ ଶିରିଆ.. ଭାରି ସରଳିଆ ବୋକା । ସମସ୍ତେ ତାକୁ ଠକିନେଉଥିବେ । ଆଲୋ ତା ଝିଅକୁ ଗୋଟେପୁଅ ଶୁଅଁ, ପାଉଣ୍ଡର ନଗେଇ ସଜକରୁଛି । ସିଏ କୋଉ ପାଲର ବାଲା ତାକୁ ପାଲରେ ପକେଇ ତା'ଠୁ ଆଠହଜାର ଟଙ୍କା ନବ କହୁଛି। ପାଖରେ ଥିବା ଜଣେ ଏ କଥା ଶୁଣି ହସି ମୁହଁରେ ହାତଦେଇ ପଳେଇଲେ । ଗିରିଆ କହିଲେ.. ତମକୁପରା ମନାକଲି କାହାସହ କଥାହୁଅନି । ଏଇଠି ଚୁପହେଇ ବସ । କହିଲା.. କାହିଁକି ବା ? ମୁଁ ଟିକେ ଚିହ୍ନା ହୁଏ । ଛ 'ଟା ଚେୟାର ଛାଡି ଆଉଜଣେ ମହିଳାଙ୍କ ପାଖରେ ବସି ପଚାରିଲେ.. ତମ ଘର କୋଉଠି ? ସେ ଯାଙ୍କୁ ଚାହିଁ ମୁରୁକିହସି କହିଲେ, ବରମୁଣ୍ଡା । ସଙ୍ଗେ ସଙ୍ଗେ ରେବ ଭାଉଜ କହିଲେ.. ତେମେ ଆମ କନକ ସାଙ୍ଗରେ ଦେଖାହୁଅ ? ମହିଳାଜଣକ ଆଶ୍ଚର୍ଯ୍ୟହୋଇ ପଚାରିଲେ.. କୋଉ କନକ ? ରେବଭାଉଜ କହିଲେ ସେଇବା ଆମ ଗାଁ ନଟ ମଉସା ଝିଅ କନକ .. ବରମୁଣ୍ଡାରେ ବାହାହେଇଛି । ତା ଜୋଇଁ ଚାକିରୀ କରୁଛି । ତା'ର ମଟରସାଇକଲ ଅଛି । ତା' ଶଶୁର ଚନ୍ଦା ଗୋରା ଡେଙ୍ଗାହେଇ ଦେଖିବାକୁ । ତାକୁ ଦେଖାହେଇ କହିବ.. ତମ ଗାଁ ରେବ ନାନୀ ତମକୁ ବହୁତ ବହୁତ କହିବାକୁ କହିଛି । ହେଲା । ମନେକରି କହିବ । ବିଚରା ଭଦ୍ରମହିଳା ହସି ହଉ କହିଦେବି କହି ତାଙ୍କ ପାଖରୁ ଉଠିଗଲେ ।

ରାତି ଆଠଟା ବାଜିଲା । ଭୋଜିଖିଆ ଆରମ୍ଭ ହେବାକୁ ଯାଉଛି । ଗିରିଆ ଗୋଟେ ଖାମରେ ହଜାରେ ଟଙ୍କା ପୂରେଇ ପତ୍ନୀକି ଦେଲେ ଶିରିଆ ଝିଅ ହାତରେ ଦେବାକୁ । ରେବଭାଉଜ ଟଙ୍କାଦେଇ ଆସି ଦେଖିଲେ ଲୋକଗୁଡା କାଗଜଥାଳି ଧରି ଠିଆହୋଇ ଖାଇବାକୁ ମାଗୁଛନ୍ତି । ରେବଭାଉଜ ଗିରିଆ ଭାଇକୁ ପଚାରୁଥାଏ... ଆମ ଶିରିଆ ଏମାନଙ୍କୁ ଖାଇବାକୁ ଡାକିଛି ନା ମାଗି ଖାଇବାକୁ ଆଇଛନ୍ତି ? ଲାଇନିରେ ବସିଗଲେ ସିଏ ବଳେ ବଢ଼ିକି ଯାଚିକି ଦିଅନ୍ତେନି ? ଆଉ ସମ୍ଭାଳିନପାରି ଜବର ପାଟିରେ କହିଲା... ତେମେସବୁ ଆମ ଶିରିଆଝିଅ ବାହାଘରେ ଏମିତି ଠେଲା ପେଲାହେଇ ମାଗନ୍ତା ପରି କଣ ମାଗୁଛ ? ବସିଯାଅ । ମୁଁ ବଢ଼ିକି ଦେବି । ଏଡ଼େବଡ ପାଟିରେ ଏମିତିକଥା ଶୁଣି ଲୋକଗୁଡ଼ା କାବାହେଇ ତାଙ୍କୁ ଅନେଇଁ ଜୋରେ ହସିଲେ । ପରେ ରେବଭାଉଜ ଜାଣିଲେ ଏଇଟା କଣ ବଫେ.. ମାନେ ଠିଆରେ ଠିଆରେ ଖିଆପିଆ । ତାଙ୍କୁ ତ ଭୋକ ଜୋର । କାଗଜ ଥାଳିଟେ ଧରି ମାଡିଗଲେ ଭିତରକୁ । କ୍ୟାଟେରିଙ୍ଗ ବାଲା ତା ' ପିଲାଙ୍କୁ ଠିଆକରେଇ ଯୋଉ ଛୋଟ ଚାମଚରେ ଅନ୍ନ, ଡାଲି, ମସୁମ, ପନିର, ଚିକିନ, ମଟନ ଇତ୍ୟାଦି ଦେଉଥାନ୍ତି, ସେ ଚାମଚ ଦେଖି ରେବଭାଉଜ ରାଗିଗଲେ । କହିଲେ.. ହଇରେ ପିଲେ! ତମକୁ କଣ ପରଷିବାକୁ ଡଙ୍କା ମିଳିଲାନି ? ଯୋଉଥିରେ ଦଉଚ.. ମୁଠେ ଭାତ ପୋଷେ ତରକାରୀ ତ ଧରୁନି କି କାହା ପେଟ ପୂରୁନି । ତମର ଯେବେ ଡଙ୍କା ନାହିଁ, କହିଲନି ଆମ ଶିରିଆକୁ । ସେ ମେତେ କହିଥେଲେ ମୁଁ କୋଡିଏଟା ଡଙ୍କା ତିଆରିକରି ଘିନି ଆଇଥାନ୍ତି । ନଡ଼ିଆ ସଢ଼େଇରେ ବାଉଁଶ ବତାର ବେଣ୍ଟ ନଗେଇ ତମକୁ ଧରେଇଦେଇଥାନ୍ତି । ଦି ଡଙ୍କା ଭାତ କୁଢେଇଦେଲେ ପେଟ ପୂରିଯାଇଥାନ୍ତା । ଏମିତିକଥା ଶୁଣି ଲାଇନିରେ ଠିଆହୋଇଥିବା ଭଦ୍ରଲୋକ, ମହିଳା, ପୁଅ ଝିଅ ସମସ୍ତେ ଠୋ ଠୋ ହସି ହସି କାଶି ପକେଇଲେ । କାଶି କାଶି କାହା ଗଳାରେ ବି ଲାଗିଲା । ରେବ କିଛି ନ ଶୁଣି କାହାକୁ ନ ଚାହିଁ ପିଲାଙ୍କ ହାତରୁ ଚାମଚ ଛଡେଇ ନିଜ ହାତରେ ଥାଳି ଭର୍ତ୍ତିକରି କୁଢେଇ ପେଟେ ଖାଇ ଆସି ଦି ଟା ଚେୟାର ଭିଡି ଗୋଡଥୋଇ ବସିଗଲେ ।

ଏମିତି କୀର୍ତ୍ତିକାଣ୍ଡ ଦେଖି ଲାଜରେ ଗିରିଆଭାଇ ରାତି ନପାହୁଣୁ ପିଲାଙ୍କୁ ଡାକି କହୁଥିଲେ... ଢ଼େରେ ହେଇଗଲା ସହରିଆ ବାହାଘର ଦେଖା ଆଉ ଭଦ୍ରାମି ଠିଆ ଖିଆ । ଏଥର ଆମ ଗାଁ କୁ ଫେରିଚାଲ... ।


*-ମଙ୍ଗରାଜପୁର, ପୁରୀ, ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥ

**ମନୋଜ କୁମାର ଜେନା**
**ପ୍ରକାଶିକା-ଶ୍ରୀମତୀ ଗୀତାଞ୍ଜଳି ଜେନା**
**ଗୌରୀ ଗାର୍ଡେନ୍, ଭୁବନେଶ୍ୱର, ମୂଲ୍ୟ-୫୦ଟଙ୍କା**

ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମନୋଜ କୁମାର ଜେନାଙ୍କ ଲିଖିତ ପୁସ୍ତକ । ଏଥିରେ ସେ ଜଗନ୍ନାଥଙ୍କ ଉପରେ ଅନେକ ନୂଆ ତଥ୍ୟ ଉପସ୍ଥାପନ କରିଛନ୍ତି । ପ୍ରଭୁ ତ ଅନ୍ତର୍ଯ୍ୟାମୀ। ଇଚ୍ଛାମୟ, ରହସ୍ୟମୟ ଓ ସକଳ ସୃଷ୍ଟିର କାରଣ। ସେ ଅନାଦି ଅଣାକାର। ତେଣୁ ତାଙ୍କ ଲୀଳା ବଡ ବିଚିତ୍ର । କେହି ତାଙ୍କୁ ଭେଦ କରି ପାରିବେନି ସେ ଦରଗଢା ଦିଅଁ। ରତ୍ନମଣ୍ଡପରେ ଭାଇ ଭଉଣୀଙ୍କ ସହ ବିଜେକରି ଶ୍ରୀକ୍ଷେତ୍ରକୁ ନିଜ ବାସସ୍ଥଳୀ ରୂପେ ଚୟନ କରି ମର୍ତ୍ତ୍ୟରେ ବୈକୁଣ୍ଠ ସଜାଇଛନ୍ତି। ସବୁକିଛି ଏଠି ରହସ୍ୟପୂର୍ଣ୍ଣ। ଏହାର ମାଟି, ଗୋଡି ଧୂଳିକଣାଦି ପବିତ୍ର। ଏହା ନିଶ୍ଚୟ ଜଗନ୍ନାଥ ପ୍ରେମୀ ଖୋଜିବେ ଆଉ ପଢିବେ ।




### ବିଚାରକଙ୍କ ଦୃଷ୍ଟିରେ ଏକାତ୍ମ ମାନବବାଦ

**ମୂଳ ହିନ୍ଦୀ ସଂକଳକ-ପ୍ରଭାତ ଝା**
**ଓଡିଆ ରୂପାନ୍ତର- ରିତେଶ ପୃଷ୍ଟେଠ**
**ପ୍ରକାଶକ-ୟୁରାନିଆ ପବ୍ଲିଶିଙ୍ଗ ହାଉସ୍, ନିୟୁୟର୍କ , ମୂଲ୍ୟ- ୩୬୦ଟଙ୍କା**


ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତୀୟ ଜୀବନ ଦର୍ଶନର ଗଭୀର ଅଧ୍ୟୟନ କରି ଏକାତ୍ମ ମାନବବାଦ ପ୍ରସ୍ତୁତ କରିଛନ୍ତି । ସେ ପାଶ୍ଚାତ୍ୟ ଜଗତରୁ ମାନବବାଦ ଓ ଭାରତୀୟ ସଂସ୍କୃତିରୁ ଏକାତ୍ମତା ଗ୍ରହଣ କରିଛନ୍ତି । ପୁସ୍ତକରେ ୩୪ଟି ବିଷୟ ଉପରେ ଆଲୋଚନା କରାଯାଇଛି। ଏକାତ୍ମ ମାନବବାଦକୁ ସରଳ ଓ ସୁନ୍ଦରଭାବେ ବୁଝେଇବା ପାଇଁ ଲେଖକମାନଙ୍କ ଦ୍ୱାରା ପ୍ରୟାସ କରାଯାଇଛି। ଏକାତ୍ମ ମାନବବାଦକୁ ପ୍ରୟୋଗ କରିବା ପାଇଁ ପୁସ୍ତକଟିରେ ଆମୁଳାନ୍ତ ଚେଷ୍ଟା କରାଯାଇଛି।




### କୁମାରସମ୍ଭବମ୍

**ଅନୁସୃଜନ- ବାଉରୀବନ୍ଧୁ ଲେଙ୍କା**
**ବନଫୁଲ ପବ୍ଲିକେଶନ୍ସ,କଟକ, ମୂଲ୍ୟ- ୩୫୦ଟଙ୍କା**

କୁମାରସମ୍ଭବମ୍ ସଂସ୍କୃତ ଭାଷାରେ ରଚିତ କାଳିଦାସଙ୍କ ମହାକାବ୍ୟ। ଏହାକୁ ଓଡିଆରେ ଅନୁସୃଜନ କରିଛନ୍ତି ବାଉରୀବନ୍ଧୁ ଲେଙ୍କା । କାବ୍ୟର ମୁଖ୍ୟ ନାୟକ ହେଉଛନ୍ତି ଭଗବାନ ଶିବ ଓ ନାୟିକା ହେଉଛନ୍ତି ମାତା ପାର୍ବତୀ। ଏଥିରେ ପ୍ରଥମ ସର୍ଗଃରୁ ଆରମ୍ଭ କରି ଅଷ୍ଟମ ସର୍ଗଃ ଯାଏ ରହିଛି। ସଂସ୍କୃତ କ୍ଲିଷ୍ଟ ହୋଇଥିବା ଦୃଷ୍ଟିରୁ ଏହି ଭାଷାରେ ରଚିତ ବହୁ କାବ୍ୟ ଓ ମହାକାବ୍ୟଗୁଡିକୁ ପଢିବା ପାଇଁ ପାଠକମାନେ ଆଗ୍ରହ ପ୍ରକାଶ କରି ନ ଥାନ୍ତି । ଫଳରେ ଏହି ସବୁ କାବ୍ୟର କାବ୍ୟିକ ସୌନ୍ଦର୍ଯ୍ୟବୋଧକୁ ଓଡିଆ ପାଠକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହା ଲେଖକଙ୍କର ପ୍ରୟାସମାତ୍ର। ଆଶା ପୁସ୍ତକଟି ପାଠକଙ୍କୁ ଛୁଇଁବ ।



ବ୍ୟାକ୍ ପେଜ୍


# ମିସ୍ ହୁଲା ହୁପ୍

ଅଷ୍ଟ୍ରେଲିଆର ମରାୱା ଇବ୍ରାହିମ୍ ବେଶ୍ ପରିଚିତ ମିସ୍ ହୁଲା ହୁପ୍ ଭାବେ। କାରଣ ସେ ହୁଲା ହୁପ୍ ବୁଲାଇବାରେ ବହୁତ ଏକ୍ସପର୍ଟ। କେବଳ ସେତିକି ନୁହେଁ ୧୨ଟି ୱାର୍ଲ୍ଡ ରେକର୍ଡ ସେ ଏଇ ହୁଲା ହୁପ୍‌କୁ ନେଇ କରିଛନ୍ତି। ଏବେ ସେ ଏକସଙ୍ଗେ ୩୦୦ଟି ହୁଲା ହୁପ୍ ନିଜ ଶରୀରରେ ଧାରଣ କରି ସେଗୁଡିକୁ ଏକାସାଙ୍ଗରେ ବୁଲାଇ ୱାର୍ଲ୍ଡ




ରେକର୍ଡ କରିବାରେ ସଫଳ ହୋଇଛନ୍ତି। ଏଇ ରେକର୍ଡ ବ୍ୟତୀତ ସେ ଦ୍ରୁତ ଗତିରେ ଦୌଡିବା ସାଙ୍ଗକୁ ହୁଲା ହୁପ୍ ବୁଲାଇବାର ରେକର୍ଡ ବି କରିଛନ୍ତି। ଆଉ ତିନୋଟି ହୁଲା ହୁପ୍ ଏକସଙ୍ଗେ ବୁଲାଇ ହାଇ ହିଲ୍ଡ ରୋଲର ସ୍କେଟ୍‌ରେ ସ୍କେଟିଂ କରି ମଧ୍ୟ ରେକର୍ଡ କରିଛନ୍ତି। ଏହାବାଦ୍ ଆହୁରି ଅନେକ ପ୍ରକାରରେ ହୁଲା ହୁପ୍‌କୁ ବୁଲାଇ ରେକର୍ଡ କରିଛନ୍ତି। ୨୦୧୨ରେ ସେ ହୁଲା ହୁପ୍ ଆର୍ଟିଷ୍ଟଙ୍କୁ ନେଇ ଏକ ଗ୍ରୁପ୍ ବି କରିଥିଲେ। ଯେଉଁମାନେ ହୁଲା ହୁପ୍ ବୁଲାଇବାର କଳା ଅନ୍ୟକୁ ଶିଖାଇବା ସହ ଲୋକଙ୍କ ମନରେ ଏହାପ୍ରତି ଆଗ୍ରହ ବଢାଇବାର କାମ କରୁଛନ୍ତି। ତାଙ୍କର ଏହି ଟିମ୍ ବି ଅନେକ ରେକର୍ଡ କରିଛି। ୨୦୧୭, ଲଣ୍ଡନରେ ତାଙ୍କ ଟିମ୍‌ର ୨୯୯ଜଣ ଏକସଙ୍ଗେ ହୁଲା ହୁପ୍ ବୁଲାଇବା ରେକର୍ଡ କରିଥିଲେ।





# ଉସେନ୍ ବୋଲ୍ଟଙ୍କୁ ଟକ୍କର ଦେବ ଏଇ ରୋବୋ

ଜାମାଇକାର ଉସେନ୍ ବୋଲ୍ଟଙ୍କୁ କିଏ ବା ନ ଜାଣିଛି। ଅଲିମ୍ପିକରେ ୮ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଉସେନ୍ ଆଥଲେଟିକ ଦୁନିଆରେ ମାତ୍ର ୧୬ ବର୍ଷ ବୟସରୁ ରାଜ୍ କରୁଛନ୍ତି। ୯.୫୮ ସେକେଣ୍ଡରେ ୧୦୦ ମିଟର ରେସ୍ ପୂରା କରି ୱାର୍ଲ୍ଡ ରେକର୍ଡ ବି କରିଛନ୍ତି। ଯାହାକୁ ଏ ପର୍ଯ୍ୟନ୍ତ କେହି ଭାଙ୍ଗିପାରି ନାହାନ୍ତି। ତାଙ୍କୁ ଚାଲେଞ୍ଜ କଲାଭଳି ଧାବକ ଏ ଯାଏ କେହି ନାହାନ୍ତି। କିନ୍ତୁ ଏକ ରୋବୋ ଉସେନ୍‌ଙ୍କୁ ଚାଲେଞ୍ଜ ଦେବାକୁ ଯାଉଛି। ଏହି ରୋବୋର ନାମ ହେଉଛି 'କ୍ୟାସି'। ଆମେରିକାର ଏହି ରୋବୋକୁ ୧୦୦ ମିଟର ରେସ୍ ପାଇଁ ଟ୍ରାକ୍‌ରେ ଛଡ଼ା ଯାଇଥିଲା। ଓରେଗନ ଷ୍ଟେଟ୍ ୟୁନିଭର୍ସିଟିର କଲେଜ ଅଫ୍ ଇଞ୍ଜିନିୟରିଂ ଓ ସ୍ପିନଅଫ୍ କମ୍ପାନୀ ଏଜିଲିଟି ରୋବୋଟିକ୍ସ ମିଳିତଭାବେ ଉକ୍ତ ରୋବୋକୁ ତିଆରି କରିଛନ୍ତି। ଦୁଇଗୋଡ ଥିବା ଏହି ରୋବୋ କଲେଜର ଟ୍ରାକ୍‌ରେ ୨୪.୭ ସେକେଣ୍ଡରେ ୧୦୦ ମିଟର ଦୌଡି ସବୁଠାରୁ ଦ୍ରୁତତମ ରୋବୋଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି। ରୋବୋଟି ବିନା କ୍ୟାମେରା ଓ ବାହାରର ସେନ୍ସରରେ କାମ କରିଥାଏ। ଏହାର ନିର୍ମାତା ଏହାର ଗତିକୁ ଆହୁରି ଦ୍ରୁତ କରିବାକୁ ପ୍ରୟାସ କରୁଛନ୍ତି। ତେଣୁ ଏହା ଆଗାମୀ ଦିନରେ ଉସେନ୍‌ଙ୍କୁ ନିଶ୍ଚୟ ଟକ୍କର ଦେଇପାରିବ।





# ୧ ଘଣ୍ଟାରେ ତିଆରି କଲେ ୨୪୯କପ୍ ଚା

ଦକ୍ଷିଣ ଆମେରିକାର ଇନଗର ଭାଲେଣ୍ଟିନ୍ ଚା'କୁ ନେଇ କରିଛନ୍ତି ଏକ ଅଜବ ରେକର୍ଡ। ସେ ଏକ ଘଣ୍ଟାରେ ୨୪୯ କପ୍ ଚା ତିଆରି କରି ଏହି ରେକର୍ଡ କରିଛନ୍ତି। ତେବେ ସେ ଏହି ରେକର୍ଡ ନିଜ ସଉକ ପାଇଁ ନୁହେଁ ବରଂ ଏକ ବଡ଼ କାରଣ ପାଇଁ କରିଛନ୍ତି। ୨୦୧୮ରେ ଯେତେବେଳେ ଦକ୍ଷିଣ ଆଫ୍ରିକାର ବୁପର୍ଥଲରେ ଲୋକମାନେ ନୂଆବର୍ଷର ସ୍ୱାଗତ ପାଇଁ ଲାଗି ରହିଥିଲେ ସେତେବେଳେ ଏକ ଅଘଟଣ ଘଟିଥିଲା। ସେଠାକାର ପାହାଡ଼ସ୍ଥିତ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ସେହି ନିଆଁ ଚାରିଆଡେ ବ୍ୟାପିଗଲା। ଅନେକ ଘର ଜାଳିପୋଡି ଛାରଖାର ହୋଇଗଲା। ପ୍ରାୟ ୨୦୦ ଲୋକ ବାସହୀନ ହୋଇଗଲେ। ସେହି ଲୋକଙ୍କ ଭିତରେ ଇନଗର ବି ଥିଲେ। ନିଆଁରେ ତାଙ୍କ ଘର ପୋଡ଼ିବା ସହ ପର୍ଯ୍ୟଟନ ବିଭାଗରେ ଥାଇ ସେ ଯେଉଁସବୁ ଗେଷ୍ଟ ହାଉସ୍‌ର ସଞ୍ଚାଳନ କରୁଥିଲେ ସେଗୁଡିକ ବି ପୋଡି ଛାରଖାର ହୋଇଯାଇଥିଲା। ୪ ବର୍ଷ ପରେ ବହୁକଷ୍ଟରେ ସେ ନିଜେ ଠିଆ ହେବା ସହ ନିଜ ଅଞ୍ଚଳକୁ ପର୍ଯ୍ୟଟନସ୍ଥଳ ରୂପେ ପୁଣିଥରେ ଚର୍ଚ୍ଚାର ପରସର ଭୁକ୍ତ କରିବାକୁ ପ୍ରୟାସ ଆରମ୍ଭ କଲେ। ସେଇଥିପାଇଁ ସେ ଏକ ବିଶ୍ୱ ରେକର୍ଡ କରିବାକୁ ମନ ବଳାଇଲେ। ଯଦ୍ୱାରା ତାଙ୍କ ସହର ପୁଣିଥରେ ଚର୍ଚ୍ଚାକୁ ଆସିଯିବ। ଆଉ ୧ ଘଣ୍ଟାରେ ସର୍ବାଧିକ କପ୍ ଚା ତିଆରି କରିବାର ୱାର୍ଲ୍ଡ ରେକର୍ଡ କଲେ। ଏଥିରେ ସେ ଦକ୍ଷିଣ ଆଫ୍ରିକାରେ ମିଳୁଥିବା ରୁଇବୋସ ନାମକ ଏକ ହର୍ବାଲ ଚା ତିଆରି କରିଥିଲେ।